୬ ୫୦ ମିଟର ରାଇଫଲରେ ପଦକ ନିଶ୍ଚିତ କଲେ ସ୍ୱପ୍ନିଲ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
# ସମ୍ବାଦ କଳିକା
The Sambad Kalika TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୧୮୫ ● ୧ ଅଗଷ୍ଟ ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-185 ● 1st August 2024, Thursday ● Bhubaneswar
Licensed to post without pre-payment of postage No- BN-60/22-24

## ବିଧାନସଭାରେ ୯୫ହଜାର କୋଟିର ଲେଖାନୁଦାନ ବିନିଯୋଗ ବିଲ୍ ପାରିତ

# ବିରୋଧୀ ତୁଚ୍ଛା ରାଜନୀତି କରୁଛନ୍ତି

**ଭୁବନେଶ୍ୱର, ୧/୮**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ସର୍ବାଙ୍ଗୀନ ବିକାଶ ସହିତ ଏକ ବିକଶିତ ଓଡ଼ିଶା ଗଠନ ପାଇଁ ସହଯୋଗର ହାତ ବଢାଇବା ପରିବର୍ତ୍ତେ ବିରୋଧୀଦଳ ତୁଚ୍ଛା ରାଜନୀତି କରୁଛନ୍ତି। ଉତ୍ତର ଶୁଣିବା ପୂର୍ବରୁ ବିରୋଧୀ ଦଳ ବିଧାନସଭାରୁ ପଳାୟନ ପନ୍ଥି ସାଜିବା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି। ବୁଧବାର ବିଧାନସଭାରେ ଆଗତ ହୋଇଥିବା ୨୦୨୪-୨୫ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟରୁ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ସରକାରଙ୍କ ଆବଶ୍ୟକୀୟ ଖର୍ଚ୍ଚ ଭରଣା ପାଇଁ ୯୫ ହଜାର କୋଟି ଟଙ୍କାର ଲେଖାନୁଦାନ ବିନିଯୋଗ ବିଲ୍ ୨୦୨୪ ଉପରେ ଆଲୋଚନା ଶେଷରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉତ୍ତର ଦେବା ବେଳେ ଏପରି କହିଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତର ଆରମ୍ଭ କଲା ବେଳେ ମୁଖ୍ୟବିରୋଧୀ ଦଳ ବିଜେଡି ଏବଂ କଂଗ୍ରେସ ଦଳର ବିଧାୟକମାନେ ପ୍ରତିବାଦ ଜଣାଇ କକ୍ଷତ୍ୟାଗ କରିଥିଲେ। ଗୃହରେ ବିରୋଧୀ



ଦଳର ଏପ୍ରକାର ଆଭିମୁଖ୍ୟ ଓ ଆଚରଣକୁ ମୁଖ୍ୟମନ୍ତ୍ରୀ ପ୍ରାୟୋଜିତ ବୋଲି କଟାକ୍ଷ କରିବା ସହିତ ବିରୋଧିଦଳର ପ୍ରଶ୍ନ, ସମାଲୋଚନା ଏବଂ ସମସ୍ତ ଅଭିଯୋଗର ଉତ୍ତର ମଧ୍ୟ ରଖିଥିଲେ। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ବିକଶିତ ଓଡ଼ିଶା ଗଠନ ପାଇଁ କେନ୍ଦ୍ର ସରକାରଙ୍କ ସହାୟତା, ଅନୁଦାନ ବାବଦରେ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହିତ କିଛି ଗୁରୁତ୍ୱପୂର୍ଣ୍ଣ ଘୋଷଣା ମଧ୍ୟ କରିଥିଲେ। କେନ୍ଦ୍ର ସରକାରଙ୍କ ବଜେଟରେ ବିହାର ଓ ଆନ୍ଧ୍ରପ୍ରଦେଶ ପାଇଁ ସିଂହଭାଗ ଅର୍ଥ ବ୍ୟବସ୍ଥା କରାଯାଇଥିବା ବେଳେ ଦୀର୍ଘ ଦିନର ଦାବି ସତ୍ତ୍ୱେ ଓଡ଼ିଶା ପାଇଁ ବିଶେଷ କିଛି ଆର୍ଥିକ ବ୍ୟବସ୍ଥା କରାଯାଇନଥିବା ନେଇ ବିରୋଧୀ ଦଳର ଅଭିଯୋଗକୁ ମୁଖ୍ୟମନ୍ତ୍ରୀ ଦୃଢଭାବେ ଖଣ୍ଡନ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ପ୍ରଧାନମନ୍ତ୍ରୀ ୨୦୪୭ ପାଇଁ ବିକଶିତ ଭାରତର ଯେଉଁ ଯୋଜନା କରିଛନ୍ତି ସେଥିପାଇଁ କେନ୍ଦ୍ର ବଜେଟରେ ପୂର୍ବୋଦୟକୁ ଗୁରୁତ୍ୱ ଦିଆଯାଇଛି। ଅର୍ଥାତ ପୂର୍ବୋଦୟରେ ବିକଶିତ ଓଡ଼ିଶା ଗଠନ ପାଇଁ ଅଧିକ ଅର୍ଥ *(ପୃଷ୍ଠା ୭ରେ)*

# ପ୍ରଧାନମନ୍ତ୍ରୀ ମୋଦିଙ୍କ ବିରୋଧରେ ସ୍ୱାଧିକାରଭଙ୍ଗ ନୋଟିସ୍ ଆଣିଲା କଂଗ୍ରେସ



**ନୂଆଦିଲ୍ଲୀ, ୩୧/୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ କଂଗ୍ରେସ ପକ୍ଷରୁ ଗୋଟିଏ ସ୍ୱାଧିକାରଭଙ୍ଗ ନୋଟିସ ଲୋକସଭାରେ ଆଗତ କରାଯାଇଛି। କଂଗ୍ରେସ ସାଂସଦ ଚରଣଜିତ ସିଂହ ଚନ୍ନି ଏପରି ନୋଟିସ ଦେଇଛନ୍ତି। ବିଜେପି ସାଂସଦ ଅନୁରାଗ ଠାକୁର ମଙ୍ଗଳବାର ଲୋକସଭାରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ପ୍ରତି ଜାତିକୁ ନେଇ ଅପଶବ୍ଦ ପ୍ରୟୋଗ କରିଥିଲେ। ଅନୁରାଗ ଠାକୁରଙ୍କ ଉକ୍ତ ଜାତି ଭିତ୍ତିକ ବୟାନକୁ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଏକ୍ସରେ ସମର୍ଥନ କରି ଶେୟାର କରିଥିଲେ। ଏହାକୁ ବିରୋଧ କରି କଂଗ୍ରେସ ପକ୍ଷରୁ ମୋଦିଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଅଣାଯାଇଛି।

ଚନ୍ନି ନିଜର ଅଭିଯୋଗରେ ଦର୍ଶାଇଛନ୍ତି ଯେ ଲୋକସଭାରେ ବିଜେପି ସାଂସଦଙ୍କ ପକ୍ଷରୁ ଅନେକ ପ୍ରକାରର ଆପତ୍ତିଜନକ ବୟାନ ଦିଆଯାଇଥିଲା। ଏହା ମଧ୍ୟରୁ ତାଙ୍କର କିଛି ମନ୍ତବ୍ୟକୁ ଗୃହ କାର୍ଯ୍ୟରୁ ହଟାଇ ଦିଆଯାଇଥିଲା। ତଥାପି ପ୍ରଧାନମନ୍ତ୍ରୀ ବିଜେପି ସାଂସଦଙ୍କ ପୂରା ଭାଷଣକୁ ନିଜର ଏକ୍ସ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ଏଥିରେ ସେ ଲେଖିଛନ୍ତି ଯେ ନିଶ୍ଚିତ ଶୁଣନ୍ତୁ ଓ ଏହା ତଥ୍ୟର ମିଳନ ଓ ହ୍ୟୁମର। ଏହା ଇଣ୍ଡି ମେଣ୍ଟ(ଇଣ୍ଡିଆ ବ୍ଲକ) ଡାର୍ଟି ରାଜନୀତିର ପର୍ଦ୍ଦାଫାସ କରିଛି।

ପ୍ରଧାନମନ୍ତ୍ରୀ ମୋଦି ଏପରି ପୋଷ୍ଟ କରି ସଂସଦର ସ୍ୱାଧିକାରକୁ ଭାଙ୍ଗିବା ଭଳି ପ୍ରସଙ୍ଗକୁ ଆହୁରି ଉତ୍ସାହିତ କରୁଛନ୍ତି ବୋଲି କଂଗ୍ରେସ କହିଛି।

ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ଅନୁରାଗ ଠାକୁରଙ୍କ ବୟାନ ଅତ୍ୟନ୍ତ ଅଭଦ୍ର ଓ ଅସାମ୍ବିଧାନିକ।

ମଙ୍ଗଳବାର ବଜେଟ ଉପରେ ଆଲୋଚନା ଚାଲିଥିବା ବେଳେ ଅନୁରାଗ ଠାକୁର କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଥିଲେ। ରାହୁଲ ଗାନ୍ଧୀ ଓ ବିରୋଧୀ ମେଣ୍ଟ ଜାତି ଭିତ୍ତିକ ଜନଗଣନା କଥା କହୁଥିବାରୁ ଏହାକୁ ଅନୁରାଗ ଠାକୁର କଟାକ୍ଷ କରିଥିଲେ। ସେ କହିଥିଲେ. "ଯେଉଁମାନଙ୍କର ଜାତି ଜଣାନାହିଁ, ସେମାନେ ଜାତିଗତ ଜନଗଣନା କଥା କହୁଛନ୍ତି।" ଏହି ସମୟରେ ସେ କାହାର ନାଁ ନେଇ ନଥିଲେ। ଏହାପରେ ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି ଯେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ତାଙ୍କୁ ଅପମାନିତ ଓ ଦୁର୍ବ୍ୟବହାର କରିଛନ୍ତି। କିନ୍ତୁ ସେ ତାଙ୍କ ଠାରୁ କୌଣସି ପ୍ରକାରର କ୍ଷମା ପ୍ରାର୍ଥନା ଚାହୁଁ ନଥିବା କହିଥିଲେ।

## ଅର୍ଥମନ୍ତ୍ରୀଙ୍କୁ ଗଡକରୀଙ୍କ ଚିଠି

# ଜୀବନ ଏବଂ ମେଡିକାଲ ବୀମା ଉପରୁ ଜିଏସଟି ହଟୁ

**ନୂଆଦିଲ୍ଲୀ, ୩୧/୭**

ବିଜେପି ନେତା ତଥା କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ଏକ ଚିଠି ଲେଖି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଅନୁରୋଧ କରିଛନ୍ତି। ଜୀବନ ବୀମା ଏବଂ ମେଡିକାଲ ବୀମା ପ୍ରିମିୟମ ଉପରେ ୧୮ ପ୍ରତିଶତ ଜିଏସଟି ହଟାଇବାକୁ ସେ ନିର୍ମଳା ସୀତାରମଣଙ୍କୁ କହିଛନ୍ତି।

ସୀତାରମଣଙ୍କୁ ଲେଖାଯାଇଥିବା ଏକ ପତ୍ରରେ ଗଡକରୀ କହିଛନ୍ତି ଯେ ନାଗପୁର ଡିଭିଜନ ଲାଇଫ ଇନସ୍ୟୁରାନ୍ସ କର୍ପୋରେସନ୍ କର୍ମଚାରୀ ସଂଘ ଏହି ପ୍ରସଙ୍ଗରେ ତାଙ୍କ ପାଖରେ ଏକ ସ୍ମାରକପତ୍ର ଦାଖଲ କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ଜୀବନ ଏବଂ ମେଡିକାଲ ବୀମା ପ୍ରିମିୟମ ଉପରେ ୧୮ ପ୍ରତିଶତ ଜିଏସଟି ଲାଗୁ କରିବା ଜୀବନର ଅନିଶ୍ଚିତତା ଉପରେ ଟିକସ ଲାଗୁ କରିବା ପରି।





ଗଡକରୀ ତାଙ୍କ ଚିଠିରେ କହିଛନ୍ତି ଲୋକଙ୍କୁ କଭର୍ କିଣିବାରେ ସକ୍ଷମ କରିବାକୁ ବୀମା ପ୍ରିମିୟମ ଉପରେ ଟିକସ ଲାଗୁ କରାଯିବା ଉଚିତ ନୁହେଁ। ସେ କହିଛନ୍ତି ସେହିଭଳି ମେଡିକାଲ ବୀମା ପ୍ରିମିୟମ ଉପରେ ୧୮ ପ୍ରତିଶତ ଜିଏସଟି ବ୍ୟବସାୟର ଏହି କ୍ଷେତ୍ରର ବିକାଶରେ ବାଧା ସୃଷ୍ଟି କରୁଛି ଯାହା ସାମାଜିକ ଦୃଷ୍ଟିରୁ ଆବଶ୍ୟକ। ଗଡକରୀ କହିଛନ୍ତି ଜୀବନ ବୀମା ମାଧ୍ୟମରେ ସଞ୍ଚୟ ପାଇଁ ଚିକିତ୍ସା, ମେଡିକାଲ ଇନସ୍ୟୁରାନ୍ସ ପ୍ରିମିୟମ ପାଇଁ ଆଇଟି ରିହାତିର ପୁନଃ ପ୍ରବର୍ତ୍ତନ ତଥା ସରକାରୀ କ୍ଷେତ୍ରର ସାଧାରଣ ବୀମା କମ୍ପାନୀଗୁଡିକର ଏକୀକରଣ ଦାବି ମଧ୍ୟ ସଂଘ ଉଠାଇଛି।

ସେ ଏହା ମଧ୍ୟ କହିଛନ୍ତି ବରିଷ୍ଠ ନାଗରିକଙ୍କ ପାଇଁ ଜୀବନ ଏବଂ ମେଡିକାଲ ବୀମା ପ୍ରିମିୟମ ଉପରେ ଜିଏସଟି ଦେବା ଏକ ଆହ୍ୱାନ। ଗଡକରୀ ତାଙ୍କ ଚିଠିରେ ଜୀବନ ଏବଂ ମେଡିକାଲ ଇନସ୍ୟୁରାନ୍ସ ପ୍ରିମିୟମ ଉପରେ ଜିଏସଟି ପ୍ରତ୍ୟାହାର ପ୍ରସ୍ତାବକୁ ପ୍ରାଥମିକତା ଭିତ୍ତିରେ ବିଚାର କରିବାକୁ ଅନୁରୋଧ କରିଛନ୍ତି। ଏହା ବରିଷ୍ଠ ନାଗରିକଙ୍କ ପାଇଁ ବୋଝ ହୋଇପଡିଛି। ଏହାର ଅନ୍ୟ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟ ସଠିକ୍ ଭାବେ ଯାଞ୍ଚ ହେବା ଉଚିତ୍ ବୋଲି ଗଡକରୀ କହିଛନ୍ତି।

## ବନ୍ଦ ହେଲା ହୀରାକୁଦର ୬ଟି ଗେଟ୍



**ସମ୍ବଲପୁର, ୩୧/୭**
**ନ୍ୟୁଜ ବ୍ୟୁରୋ**

ହୀରାକୁଦ ଜଳଭଣ୍ଡାରରୁ ରବିବାର ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଥିଲା। କିନ୍ତୁ ଏବେ ସ୍ଥିତି ନିୟନ୍ତ୍ରଣାଧୀନ ଥିବାରୁ ୬ଟି ଗେଟ୍‌କୁ ବନ୍ଦ କରି ଦିଆଯାଇଛି। ଏବେ ହୀରାକୁଦ ଡ୍ୟାମର ୧୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ହୀରାକୁଦର ୬ଟି ଗେଟ୍ ବନ୍ଦ ହେବା ଦ୍ୱାରା କଟକ ମୁଣ୍ଡଳୀ ଠାରେ ମହାନଦୀର ଜଳସ୍ତର ହ୍ରାସ ପାଉଥିବା ଜଣାଯାଇଛି। ସୂଚନାଯୋଗ୍ୟ, ରବିବାର ସକାଳ ସାଢ଼େ ୯ଟାରେ ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ କରାଯାଇଥିଲା। ପରମ୍ପରା ଅନୁଯାୟୀ ସବୁ ବର୍ଷ ଭଳି ଏବର୍ଷ ମଧ୍ୟ ପ୍ରଥମେ ବାମ ପାର୍ଶ୍ୱର ୭ ନମ୍ବର ଗେଟ୍ ଖୋଲାଯାଇଥିଲା। ତା'ପରେ ତାକୁ ମିଶାଇ ବାମ ପାର୍ଶ୍ୱର *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# କେରଳ ଭୂସ୍ଖଳନ: ମୃତ୍ୟୁ ସଂଖ୍ୟା ୧୫୬ ଛୁଇଁଲା

**ୱାୟନାଡ଼, ୩୧/୭**

କେରଳର ୱାୟନାଡ଼ରେ ମଙ୍ଗଳବାର ବଡ଼ଧରଣର ଭୂସ୍ଖଳନ ହୋଇଛି। ବଡ଼ି ଭୋରରେ ମାତ୍ର ୪ ଘଣ୍ଟା ବ୍ୟବଧାନରେ ଘଟିଥିବା କ୍ରମାଗତ ତିନିଟି ଭୂସ୍ଖଳନରେ ୫ଟି ଗାଁ ସଂପୂର୍ଣ୍ଣ ଧୋଇ ହୋଇଯାଇଛି। ବର୍ତ୍ତମାନ ସୁଦ୍ଧା ମାଟି ଭିତରୁ ୧୫୬ ଜଣଙ୍କ ମୃତ ଦେହକୁ ଉଦ୍ଧାର କରାଯାଇଛି। ଏହାସହିତ ୧୮୦ ଜଣରୁ ଅଧିକ ଆହତ ହୋଇଥିବା ସୂଚନା ମିଳିଛି। ତେବେ ଆହୁରି ୧୦୦ରୁ ଅଧିକ ଲୋକ ଫସି ରହିଥିବା ସନ୍ଦେହ କରାଯାଉଛି।



ଉଦ୍ଧାର କାର୍ଯ୍ୟରେ ନୌସେନା, ସେନାବାହିନୀ, ଏନଡିଆରଏଫ୍ ସାମିଲ ହୋଇଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। କେରଳ ସରକାର ଏଥିପାଇଁ ଦୁଇ ଦିନିଆ ଶୋକ ଘୋଷଣା କରିଛନ୍ତି।

କେରଳରେ ଗତ ଦୁଇ ଦିନ ଧରି ଲଗାଣ ବର୍ଷା ଜାରି ରହିଛି। ଭୂସ୍ଖଳନରେ ୱାୟନାଡ଼ ଜିଲ୍ଲାର ମେପ୍ପାଡି, ମୁଣ୍ଡାକ୍କାଇ, ଅଟ୍ଟାଲାମାଲା, ନୁଲପୁଝା ଓ ଚୁରାଲମାଲା ଗାଁ *(ପୃଷ୍ଠା ୭ରେ)*

# ଶ୍ରୀମନ୍ଦିର ପରିଚାଳନା କମିଟିର ହେବ ପୁନର୍ଗଠନ



**ପୁରୀ, ୩୧/୭**
**ନ୍ୟୁଜ ବ୍ୟୁରୋ**

ଅଗଷ୍ଟ ମାସରେ ଶ୍ରୀମନ୍ଦିର ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହେଉଥିବାରୁ ଏହାର ପୁନର୍ଗଠନ କରାଯିବା ନେଇ ଆଇନ ବିଭାଗ ପକ୍ଷରୁ କୁହାଯାଇଛି। ନୂଆ ପରିଚାଳନାରେ ସ୍ୱଚ୍ଛତା ଓ ନିରପେକ୍ଷତାକୁ ଗୁରୁତ୍ୱ ଦିଆଯିବ। ମହାପ୍ରଭୁଙ୍କ ସେବା ସହ ଅଧିକ ସମ୍ପୃକ୍ତ ଥିବା ତଥା ଉତ୍ତମ ବ୍ୟବହାର ସମ୍ପନ୍ନ ସେବାୟତଙ୍କୁ *(ପୃଷ୍ଠା ୭ରେ)*

# ସଂସଦରେ ନବୀନ ପଟ୍ଟନାୟକଙ୍କ କଥା ଉଠାଇ ପ୍ରଶଂସା କଲେ ଅମିତ ଶାହା



**ନୂଆଦିଲ୍ଲୀ,୩୧।୭**

କେରଳର ୱାୟନାଡରେ ଭୂସ୍ଖଳନ ଘଟଣା ସମ୍ପର୍କରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ବୁଧବାର ରାଜ୍ୟ ସଭାରେ ଜବାବ ରଖିଛନ୍ତି। ସେ କହିଛନ୍ତି, ଏଭଳି ବିପର୍ଯ୍ୟୟର ସମ୍ଭାବନା ସମ୍ପର୍କରେ କେରଳ ସରକାରଙ୍କୁ ପୂର୍ବରୁ ଚେତାବନୀ ଦିଆଯାଇଥିଲା। ସାଧାରଣତଃ ଅନେକ ରାଜ୍ୟ ଏଭଳି ଚେତାବନୀ ପ୍ରତି ଧ୍ୟାନ ଦିଅନ୍ତି, କିନ୍ତୁ କେରଳ ସରକାର ଏହାକୁ ଅଣଦେଖା କରିଥିଲେ। ଏହାସହ ସେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦାହରଣ ଦେଇଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି, ଅନେକ ରାଜ୍ୟର ସରକାର ଅଛନ୍ତି, ଯେଉଁମାନେ ଏହି ପ୍ରକାର ଚେତାବନୀ ବ୍ୟବହାର କରି ଜିରୋ କାଜୁଆଲିଟିକୁ ଗୁରୁତ୍ୱ ଦେଇ ବିପର୍ଯ୍ୟୟ ପରିଚାଳନା କରିଛନ୍ତି। ଯେତେବେଳେ ନବୀନ ପଟ୍ଟନାୟକ *(ପୃଷ୍ଠା ୭ରେ)*

## ଭାରତର ଭୂସ୍ଖଳନ ପ୍ରବଣ ଅଞ୍ଚଳ

# ୨୦୧୫ରୁ ୨୦୨୨ ମଧ୍ୟରେ ୩୭୮୨ ଭୂସ୍ଖଳନ ହୋଇଛି




**ଭୁବନେଶ୍ୱର, ୩୧/୭**
**ନ୍ୟୁଜ ବ୍ୟୁରୋ**

ବର୍ଷାଦିନେ ଭୂସ୍ଖଳନ ଏକ ସାଧାରଣ ଘଟଣା। ଦେଶର ବିଭିନ୍ନ ଅଞ୍ଚଳରେ ବର୍ଷା ଯୋଗୁଁ ଭୂସ୍ଖଳନ ଘଟିବା ଘଟଣାମାନ ଘଟିଥାଏ। କେରଳରେ ଭୂସ୍ଖଳନ ଘଟି ୧୫୬ଜଣଙ୍କର ମୃତ୍ୟୁ ହେବା ନିଶ୍ଚିତ ରୂପେ ଏକ ଦୁଃଖଦ ଘଟଣା। ପ୍ରତିବର୍ଷ ଦେଶର ବିଭିନ୍ନ ସ୍ଥାନରେ ଭୂସ୍ଖଳନମାନ ଘଟି ବହୁ ଜୀବନହାନି ଘଟୁଛି। ଏକ ରିପୋର୍ଟ ଅନୁଯାୟୀ ୨୦୧୫ ମସିହାରୁ ୨୦୨୨ ମସିହା ମଧ୍ୟରେ ଦେଶର ବିଭିନ୍ନ ସ୍ଥାନରେ ମୋଟ୍ ୩୭୮୨ଟି ଭୂସ୍ଖଳନ ଘଟଣା ଘଟିଛି। ମୁଖ୍ୟତଃ ପାହାଡିଆ ଅଞ୍ଚଳମାନଙ୍କରେ ଭୂସ୍ଖଳନ ଘଟିଥାଏ। ରିପୋର୍ଟ ଅନୁଯାୟୀ ୨୦୧୫ରୁ ୨୦୨୨ ମସିହାରେ ଜମ୍ମୁ କଶ୍ମୀରରେ ୧୮୪ଟି ଭୂସ୍ଖଳନ ଘଟିଥିବା ବେଳେ ହିମାଚଳପ୍ରଦେଶରେ ୧୦୧, ଉତ୍ତରାଖଣ୍ଡରେ ୩୩, ପଶ୍ଚିମବଙ୍ଗରେ ୩୭୬, ସିକିମ୍‌ରେ ୩୧, ମେଘାଳୟରେ ୪୮, ଅରୁଣାଚଳ ପ୍ରଦେଶରେ ୪୮, ଆସାମରେ ୧୬୯, ନାଗାଲାଣ୍ଡରେ ୩୬, ମଣିପୁରରେ ୨୧, ମିଜୋରାମରେ ୧୫, ତ୍ରିପୁରାରେ ୧୦, ତାମିଲନାଡୁରେ ୧୯୬, କର୍ଣ୍ଣାଟକ ୧୯୪, ମହାରାଷ୍ଟ୍ରରେ ୮୧ଟି ଭୂସ୍ଖଳନ ଘଟିଛି। ଏହି ସବୁ ଅଞ୍ଚଳଗୁଡିକ ଭୂସ୍ଖଳନ ପ୍ରବଣ ଅଞ୍ଚଳଭାବେ ପରିଗଣିତ ହୋଇଛି। ମୁଖ୍ୟତଃ ଏହି ସବୁ ରାଜ୍ୟର ପାହାଡିଆ ଅଞ୍ଚଳ ଗୁଡିକ ଭୂସ୍ଖଳନ ଅଞ୍ଚଳ ରହିଥିବାରୁ ମଧ୍ୟମରୁ ପ୍ରବଳ ବର୍ଷା ହେଲେ ପାହାଡିଆ ଅଞ୍ଚଳରୁ ମାଟି ଅତଡା ଖସି ଗ୍ରାମାଞ୍ଚଳ ଗୁଡିକ ବେଶୀ କ୍ଷତିଗ୍ରସ୍ତ ହେଉଛି ଓ ଧନଜୀବନ ହାନୀର କାରଣ ହେଉଛି।

# କାର୍ଯ୍ୟକାଳ ସରିବା ପୂର୍ବରୁ ଇସ୍ତଫା ଦେଲେ ରାଜ୍ୟସଭା ସାଂସଦ ମମତା ମହାନ୍ତ



**ଭୁବନେଶ୍ୱର/ରାଇରଂଗପୁର, ୩୧/୭ ନ୍ୟୁଜ ବ୍ୟୁରୋ**

ବିଜେଡି ସମର୍ଥନରେ ରାଜ୍ୟସଭା ସାଂସଦ ଭାବେ ନିର୍ବାଚିତ ହୋଇଥିବା ମମତା ମହନ୍ତ ବୁଧବାର ସାଂସଦ ପଦରୁ ଇସ୍ତଫା ଦେଇଛନ୍ତି। ଏନେଇ ରାଜ୍ୟସଭା ଅଧ୍ୟକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ହେଲେ ତାଙ୍କ କାର୍ଯ୍ୟକାଳ ସମାପ୍ତ ହୋଇନଥିବା ବେଳେ ଅଧାରୁ ଇସ୍ତଫା ଦେଇଥିବାରୁ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ସେପଟେ ମମତାଙ୍କ ପରବର୍ତ୍ତୀ ପଦକ୍ଷେପ କ'ଣ ରହିବ ତାକୁ ନେଇ ଉତ୍କଣ୍ଠା ବଢିଛି। ମମତା ମହାନ୍ତ ଇସ୍ତଫା ନେଇ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମୁଁ ବୁଧବାର ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇଛି। ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପାଖକୁ ମଧ୍ୟ ଇସ୍ତଫା ପତ୍ର ପଠାଇ ଦେଇଛି। ମୋତେ ଜିଲ୍ଲା ପରିଷଦର ସଦସ୍ୟ ଓ ରାଜ୍ୟସଭାର ସଦସ୍ୟ ଭାବେ ସେ ମନୋନୀତ କରି ମୋର ଜିଲ୍ଲା ମୟୂରଭଞ୍ଜ ଓ ରାଜ୍ୟର ସେବା କରିବା ପାଇଁ ସୁଯୋଗ ଦେଇଥିଲେ। ଆଜି ମୋର ସେବାର ଆବଶ୍ୟକତା ସେ ଦଳ ଅନୁଭବ କରୁନାହିଁ। ମୁଁ ଯେହେତୁ ଲୋକଙ୍କ ନେତା ଏବଂ ସେମାନଙ୍କ ସେବା ହିଁ *(ପୃଷ୍ଠା ୭ରେ)*

## ଏକାଳ ସେକାଳ



ଡ୍ରେନ୍ ପାଣିରେ ଉଚ୍ଛୁଳି ଯାଉଛି
ଆମର ଟ୍ୱିନ୍ ସିଟି
ଆଜି ଓ କାଲି ସମାନ ଅବସ୍ଥା
ଜନେ ହ'ନ୍ତି ଛାଟିପିଟି
ନେତାଏ ଭାଷଣ ବାଟି
ବାଟୁଳି ବାଜୁନି କଥାରେ ତାଙ୍କର
ଲୋକଙ୍କୁ ମାରିଣ ପଟି





**କେନ୍ଦୁଝର:** ଅସରାଏ ବର୍ଷାରେ ଭାଲୁକିପାତଳାର ମୁଖ୍ୟ ରାସ୍ତାରେ ପୁଷ୍କରିଣୀ ସୃଷ୍ଟି



ଚଳଚଞ୍ଚଳ ରାସ୍ତାରେ ଭାରିଯାନର ଅବାଧ ଚଳାଚଳ, ପ୍ରଶାସନ ନୀରବ (ଫଟୋ: ସୁରଜିତ ନ୍ୟୁଜ୍)

# ଭିନ୍ନକ୍ଷମ ମାନଙ୍କୁ ସରକାରୀ ଏବଂ ବେସରକାରୀ ବସ୍ ମାନଙ୍କରେ ଯାତାୟାତ ଭଡ଼ାରେ ରିହାତି ବାଧ୍ୟତା ମୂଳକ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଭିନ୍ନକ୍ଷମ ଓ ଦିବ୍ୟାଙ୍ଗ ମାନଙ୍କୁ ଓଡ଼ିଶା ରାଜ୍ୟ ପରିବହନ କମିଶନର ତଥା ଅଧ୍ୟକ୍ଷଙ୍କ ନିର୍ଦ୍ଦେଶନାମା ୪୪୧୧ ତା ୧୬.୦୩.୨୦୨୪ ରିଖ ଅନୁଯାୟୀ ବିଭାଗୀୟ ବିଜ୍ଞପ୍ତି ଅନୁଯାୟୀ ଅର୍ଡିନାରି, ଏକ୍ସପ୍ରେସ୍, ଡିଲକ୍ସ,ଏସି ଡିଲକ୍ସ, ସୁପର ପ୍ରିମିୟମ ସରକାରୀ ଏବଂ ବେସରକାରୀ ବସ୍ ମାନଙ୍କରେ ଭିନ୍ନକ୍ଷମ ଏବଂ ଦିବ୍ୟାଙ୍ଗ ମାନଙ୍କୁ ବସ୍ ଭଡ଼ାରେ ସମ୍ପୂର୍ଣ୍ଣ ରିହାତି, ଅଧା ରିହାତି କିମ୍ବା କିଞ୍ଚିତ ରିହାତି ଦେବା ବାଧ୍ୟତା ମୂଳକ ଅଟେ । ଏଥି ସମ୍ବନ୍ଧିୟ ମୁଖ୍ୟ ମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ସଂଖ୍ୟା ସିଏମ୍ଓ ୨୦୨୪୫୯୧୬୮୮ ତା୦୩.୦୭.୨୦୨୪ ରିଖ ଭିତ୍ତି କରି ଭିନ୍ନକ୍ଷମ ଓ ଦିବ୍ୟାଙ୍ଗ ମାନଙ୍କୁ ବସ୍ ଭଡ଼ାରେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କର ଦିବ୍ୟାଙ୍ଗ କିମ୍ବା ଭିନ୍ନକ୍ଷମ ପରିଚୟପତ୍ର ଦେଖାଇଲେ । ସେମାନଙ୍କୁ ବସ୍ ଭଡ଼ାରେ ରିହାତି ପ୍ରଦାନ କରାଯିବ । ତଦନୁଯାୟୀ ରାଜ୍ୟରେ ଚାଲୁଥିବା ସମସ୍ତ ସରକାରୀ ଓ ବେସରକାରୀ ବସ୍ ଗୁଡିକରେ ନିଜର ମଣ୍ଡଳ ଉନ୍ନୟନ ଅଧିକାରୀ, ପୌର ନିଗମ ଆୟୁକ୍ତ, ପୌର ସଂସ୍ଥା ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କିମ୍ବା ରାଜ୍ୟ ଏଡ୍ସ ପ୍ରକୋଷ୍ଠ ସେମାନଙ୍କ ନିମନ୍ତେ ସରକାରଙ୍କ ଅନୁଯାୟୀ ଯାତ୍ରୀ ଭଡ଼ାରେ ହିତାଧିକାରୀ ଏବଂ ତାଙ୍କ ସହାୟିକା/ସହାୟକ ନିମନ୍ତେ ରିହାତି ବ୍ୟବସ୍ଥା କରାଯାଇଛି । ଏଚ୍ଆଇଭି ବ୍ୟକ୍ତି ଏବଂ ତାଙ୍କ ସହାୟକ/ସହାୟିକାଙ୍କ ପାଇଁ ଯଥାକ୍ରମେ ଶହେ ଶତକଡା ରିହାତି ଥିବାବେଳେ ସମ୍ପୂର୍ଣ୍ଣ ଦୃଷ୍ଟିବାଧିତ ହିତାଧିକାରୀ ଏବଂ ସହାୟକ/ସହାୟିକା ମାନଙ୍କ ପାଇଁ ଶହେ ଶତକଡା ଓ ପଚାଶ ଶତକଡା, ମାନସିକ ବାଧିତ ପାଇଁ ଶହେ ଶତକଡା ଓ ପଚାଶ ଶତକଡା, ପଚାଶରୁ ଶତକଡା ଶହେ ମଧ୍ୟରେ ଶାରୀରିକ ଦିବ୍ୟାଙ୍ଗ ହିତାଧିକାରୀ ଥିଲେ । ଶତକଡା ଶହେ ଓ ସହାୟକ/ସହାୟିକାଙ୍କ ପାଇଁ ପଚାଶ ଶତକଡା ଲାଗିବ, ଶାରୀରିକ ଦିବ୍ୟାଙ୍ଗ ଶତକଡା ୪୦ ରୁ ୪୯ ଭାଗ ଥିଲେ ହିତାଧିକାରୀଙ୍କୁ ଶତକଡା ପଚାଶ ଓ ସହାୟକ/ସହାୟିକାଙ୍କୁ କୌଣସି ରିହାତି ମିଳିବ ନାହିଁ । ମୂକ, ବଧିର ବାଧୀତ ଶତକଡା ଶହେ ଭାଗ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଶତକଡା ଶହେ ଓ ତାଙ୍କ ସହାୟକ/ସହାୟିକା ମାନଙ୍କୁ ଭଡ଼ାରେ କୌଣସି ରିହାତି ମିଳିବ ନାହିଁ ବୋଲି ଯଥାକ୍ରମେ ବିଜ୍ଞପ୍ତିରେ ପ୍ରକାଶ ପାଇଛି । ଏହା ସମସ୍ତ ଦିବ୍ୟାଙ୍ଗ, ବସ୍‌ମାଲିକ ସଂଘ, ଯାଜପୁର ଟାଉନ୍, ଯାଜପୁର ରୋଡ ଏବଂ ବରୀ ସଂଘ ସଭାପତି/ସମ୍ପାଦକ, ସମସ୍ତ ଦିବ୍ୟାଙ୍ଗ ହିତାଧିକାରୀ ଏବଂ ଦିବ୍ୟାଙ୍ଗ ହିତାଧିକାରୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଥିବା କର୍ତ୍ତୃପକ୍ଷ, ବସ୍ କଣ୍ଡକ୍ଟର ଓ ସମସ୍ତ ଯାତ୍ରୀଙ୍କ ଅବଗତି ନିମନ୍ତେ ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

## ପଞ୍ଚଗଙ୍ଗା ନଦୀ ବନ୍ୟାରେ ୧୦ ହଜାର ଲୋକ ପ୍ରଭାବିତ

**ମୁମ୍ବାଇ, ନ୍ୟୁଜ୍ ବ୍ୟୁରୋ**

କୋହ୍ଲାପୁର ଜିଲ୍ଲାରେ ପଞ୍ଚଗଙ୍ଗା ନଦୀ ବନ୍ୟାପାଣି ଦ୍ୱାରା ଏପର୍ଯ୍ୟନ୍ତ ୧୦ ହଜାର ନାଗରିକ ପ୍ରଭାବିତ ହୋଇଛନ୍ତି । ବହୁ ସଂଖ୍ୟାରେ ଘର, ଦୋକାନ, ଫସଲ କ୍ଷତିଗ୍ରସ୍ତ ହୋଇଛି । ଗତ କିଛି ଦିନ ହେଲା ସହରରେ ବର୍ଷା କମିଛି । କିନ୍ତୁ ପଞ୍ଚଗଙ୍ଗା ନଦୀର ଜଳସ୍ତର ସ୍ଥିର ରହିଛି । କୋହ୍ଲାପୁର ସହିତ ସାଂଗଲି ଏବଂ ୟବତମାଲ ଜିଲ୍ଲାରେ ବନ୍ୟା ଯୋଗୁଁ ସାଧାରଣ ଜୀବନ ଯାତ୍ରା ବ୍ୟାହତ ହୋଇଛି । ଜିଲ୍ଲା ପ୍ରଶାସନ ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡିକର ନିରୀକ୍ଷଣ କରିବା ପାଇଁ ୩୩ଟି ଟିମ୍ ନିଯୁକ୍ତ କରିଛି । ନଗର ନିଗମ ଉପାୟୁକ୍ତ ପଣ୍ଡିତ ପାଟିଲଙ୍କୁ ନିୟନ୍ତ୍ରଣ ଅଧିକାରୀ ରୂପେ ନିଯୁକ୍ତ କରାଯାଇଛି । କୋହ୍ଲାପୁର ସହରରେ ଏପର୍ଯ୍ୟନ୍ତ ବନ୍ୟାରେ ପ୍ରାୟ ୧୦ ହଜାର ନାଗରିକ ପ୍ରଭାବିତ ହୋଇଛନ୍ତି ।

## ନାବାଳିକା ନିଖୋଜ:ଟାଉନ୍ ଥାନାରେ ଅଭିଯୋଗ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜଣେ ନାବାଳିକା ନିଖୋଜ ଥିବା ନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଛି । ନାବାଳିକା ଜଣକ ନିଖୋଜ ହୋଇଯାଇଥିଲେ । ପରିବାର ଲୋକେ ବହୁ ଖୋଜା ଖୋଜି କରି ଖୋଜ ଖବର ନମିଳିବାରୁ ଜୟପୁର ଟାଉନ୍ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଟାଉନ୍ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି ।

# ୩ ବର୍ଷ ପରେ ଜିତେନ୍ଦ୍ରଙ୍କ ଆକାଉଣ୍ଟ ସକ୍ରୀୟ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଗତ ୨୦୨୧ ମସିହା ଜୁଲାଇ ୬ ତାରିଖରୁ ନିଖୋଜ ଥିଲେ ଧାମନଗର ବ୍ଲକ୍ ଗଡିଆଳି ପଞ୍ଚାୟତ ଉଚ୍ଚପଦା ଗ୍ରାମର ବିଜୟ ସେନଙ୍କ ମଝିଆ ପୁତ୍ର ଜିତେନ୍ଦ୍ର । ଏ ସଂପର୍କରେ ପରିବାର ଲୋକେ ଧୁଷୁରୀ ଥାନାରେ ଅଭିଯୋଗ କରିଥିଲେ । ପୋଲିସ୍ ୪୪/୨୧ରେ ଏକ ନିଖୋଜ ମାମଲା ରୁଜୁ କରିଥିଲା । କିନ୍ତୁ ସେତେବେଳେ ୩୧ ବର୍ଷ ଜିତେନ୍ଦ୍ରଙ୍କ ନିଖୋଜ ଘଟଣାକୁ ପୋଲିସ୍ ଗୁରୁତ୍ୱ ଦେଇନଥିଲା । ମୋବାଇଲ୍ ଟ୍ରାକିଂ ନାମରେ ତଦନ୍ତକୁ ଶୀଥିଳ କରିଥିଲା । ଫଳରେ ନିଖୋଜ ହେବାର ୧୦ ଦିନ ପରେ ୧୬ ତାରିଖ ସନ୍ଧ୍ୟାରେ ଉଚ୍ଚପଦା-କାକୁଡିଗାଡିଆ ରାସ୍ତା ପାର୍ଶ୍ୱସ୍ଥ ଏକ ବୁଦା ମୂଳରୁ ନିଖୋଜ ଜିତେନ୍ଦ୍ରଙ୍କ ମୁଣ୍ଡବିହୀନ ଗଳିତ ଶବ ଓ ତାର ୨ ଶହ ମିଟର ଦୂରରେ ମୁଣ୍ଡ ଜବତ ହୋଇଥିଲା । ସେତେବେଳେ ପୋଲିସ୍ ନିଖୋଜ ଘଟଣାକୁ ଗୁରୁତ୍ୱ ନଦେବାରୁ ଜିତେନ୍ଦ୍ରର ମୃତ୍ୟୁ ହେଲା ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ । ପୋଲିସ୍ ଗଳିତ ଶବକୁ ପ୍ରଥମେ ଭଦ୍ରକ ଓ ପରେ କଟକକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ପରେ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ ସହ କେଶ୍ ନଂ୧୬୪/୨୧ ରେ ଏକ ମାମଲା ରୁଜୁ କରିଥିଲା ଧୁଷୁରୀ ପୋଲିସ୍ । ଇତିମଧ୍ୟରେ ବର୍ଷ ପରେ ବର୍ଷ ବିତିଥିଲେ ମଧ୍ୟ ଜିତେନ୍ଦ୍ର ମୃତ୍ୟୁ ରହସ୍ୟ ଭେଦିପାରିନଥିଲା ପୋଲିସ୍ । ତାର ପରିବାର ଲୋକେ ବାରମ୍ବାର ନ୍ୟାୟ ପାଇଁ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ୍ ହାତ ଖାଲିଥିଲା । ଏବେ ଘଟଣାକୁ ୩ ବର୍ଷ ପୂରିଥିବାବେଳେ ମୃତ ଜିତେନ୍ଦ୍ର ଫେସ୍‌ବୁକ୍ ଷ୍ଟାଟସ୍‌ରେ ଏକ ଯୁବତୀଙ୍କ ଫଟୋ ଭାଇରାଲ୍ ହୋଇଛି । ଯାହାଫଳରେ ଜିତେନ୍ଦ୍ରଙ୍କ ମୃତ୍ୟୁ ରହସ୍ୟ ଖୋଲିବା ନେଇ ପରିବାର ଲୋକଙ୍କ ମନରେ ନୂତନ ଆଶା ସଞ୍ଚାର ହୋଇଛି । କିନ୍ତୁ ଅନ୍ୟପଟେ ଏ ଘଟଣାରେ ତତ୍କାଳୀନ ତଦନ୍ତକାରୀ ଅଧିକାରୀଙ୍କୁ ଜିତେନ୍ଦ୍ରଙ୍କ ପରିବାର ଲୋକେ ବାରମ୍ବାର ଫୋନ୍ କରିଥିଲେ ମଧ୍ୟ ସେ ତାହା ଉଠାଉନାହାଁନ୍ତି । କିଛି ଲୋକଙ୍କ କହିବା ଅନୁସାରେ ମୃତ ଜିତେନ୍ଦ୍ରର ଫେସ୍‌ବୁକ୍ ଆଇଡି ଓ ପାସ୍‌ୱାର୍ଡ ଜାଣିଥିବା ଲୋକ ଏଭଳି କାର୍ଯ୍ୟ କରିପାରିଥାଏ ବୋଲି ସନ୍ଦେହ ପ୍ରକାଶ ପାଇଛି । ତେବେ ସେ ଲୋକ କିଏ ? ମୃତ୍ୟୁର ୩ ବର୍ଷ ପରେ ଯିଏ ମୃତକଙ୍କ ଫେସ୍‌ବୁକ୍ ଚଲାଇ ଷ୍ଟାଟସ୍‌ରେ ଯୁବତୀଙ୍କ ଫଟୋ ଛାଡୁଛି । ଏଭଳି ଘଟଣା ଜିତେନ୍ଦ୍ରଙ୍କ ପରିବାରବର୍ଗଙ୍କୁ ଆଶ୍ଚର୍ଯ୍ୟ କରିଛି । ଘଟଣାକୁ ନେଇ ପୋଲିସ୍‌ର ଦୃଷ୍ଟି ଆକର୍ଷଣ କରିଛନ୍ତି ପରିବାର ଲୋକେ । ତେବେ ପୋଲିସ୍ କାର୍ଯ୍ୟକୁ ନେଇ ସନ୍ତୁଷ୍ଟ ନଥିବା ଜିତେନ୍ଦ୍ରଙ୍କ ପରିବାର ଏହି ଘଟଣାକୁ ନେଇ ଉଚ୍ଚ ପୋଲିସ୍ ଅଧିକାରୀଙ୍କୁ ଭେଟିବେ ବୋଲି ସୂଚନା ଦେଇଛନ୍ତି । ଚଳିତମାସ ୩ ଓ ୧୨ ତାରିଖ ଦିନ ମୃତ ଜିତେନ୍ଦ୍ରଙ୍କ ଫେସ୍‌ବୁକ୍ ଆକାଉଣ୍ଟ ସକ୍ରୀୟ ଥିବା ସମୟରେ କିଏ ପ୍ରକୃତରେ ଏହାକୁ ଚଳାଉଛି, ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି ।



## ବିଭିନ୍ନ ନଦୀକୂଳିଆ ଗ୍ରାମବାସୀଙ୍କୁ ସତର୍କ କଲା ବୌଦ୍ଧ ପୋଲିସ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଆଦର୍ଶ ଥାନା ପକ୍ଷରୁ ବିଭିନ୍ନ ନଦୀ କୂଳିଆ ଗ୍ରାମରେ ହୀରାକୁଦ ଜଳ ଭଣ୍ଡାରରୁ ପାଣି ଛଡାଯିବା ନେଇ ସତର୍କ ସୂଚନା ଦେବା ସହ ଲୋକଙ୍କୁ ସଚେତନ କରାଯାଇଛି । ବୌଦ୍ଧ ଆଦର୍ଶ ଥାନା ଆଇଆଇସି ରିତ କୁମାର ମୁନୀଙ୍କ ତତ୍ୱାବଧାନରେ ଥାନା କର୍ମଚାରୀମାନେ ଥାନା ଅଞ୍ଚଳର ବିଭିନ୍ନ ନଦୀ କୂଳିଆ ଗ୍ରାମକୁ ଯାଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସୂଚନା ଦେଇଛନ୍ତି । ରବିବାର ହୀରାକୁଦ ଜଳ ଭଣ୍ଡାରରୁ ପର୍ଯ୍ୟାୟ କ୍ରମେ ୨୦ ଗୋଟି ଗେଟ୍ ଖୋଲା ଯାଇଥିବାବେଳେ ମହାନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଜନସାଧାରଣ ନଦୀ ମଧ୍ୟକୁ ନଯିବା କିମ୍ବା ଗୃହପାଳିତ ପଶୁଙ୍କୁ ନ ଛାଡିବା ପାଇଁ ଲୋକଙ୍କୁ ସଚେତନ କରାଯାଇଛି ।

## କର୍ଣ୍ଣାଟକରେ ଭୂସ୍ଖଳନ କାରଣରୁ ବିଗିଡ଼ିଲା ଉପକୂଳ ଅଞ୍ଚଳର ଅବସ୍ଥା: ଭାରତୀୟ ନୌସେନା ଆଲର୍ଟ

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

କର୍ଣ୍ଣାଟକର ଉତ୍ତର କନ୍ନଡ଼ ଜିଲ୍ଲାରେ ଭୂସ୍ଖଳନ କାରଣରୁ ଗଙ୍ଗାଭେଲି ନଦୀରେ ଭାସିଯାଇଥିବା ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ୍ ଲିମିଟେଡର ଟ୍ୟାଙ୍କରକୁ ଜବତ କରି ସେଥିରୁ ଏଲ୍‌ପିଜି ଗ୍ୟାସ୍ ବାହାର କରି ସମ୍ଭାବିତ ବିପଦକୁ ଟାଳି ଦିଆଯାଇଛି । ତେବେ ଅନ୍ୟ ଏକ ଟ୍ରକ୍‌ର ୧୪ଦିନ ପରେ ବି ତଲାସୀ ମିଳିପାରିନି । ନଦୀରେ ଭାସିଯାଇଥିବା ସେହି ଟ୍ରକ୍ ଓ ଜଣେ କର୍ମଚାରୀଙ୍କ ତଲାସରେ ଭାରତୀୟ ନୌସେନା ସହିତ ଅନେକ ଏଜେନ୍ସି ସାମିଲ ହୋଇଛନ୍ତି । କାରଭାରରୁ ୪୦ କିଲୋମିଟର ଦକ୍ଷିଣରେ କର୍ଣ୍ଣାଟକର ଉତ୍ତର କନ୍ନଡ ଜିଲ୍ଲାରେ ଜୁଲାଇ ୧୬ରେ ଅଂକୋଲା-କୁମତା ରୋଡରେ ଶିରୁରରେ ଲଗାତର ମୌସୁମୀ ବର୍ଷା କାରଣରୁ ଭୂସ୍ଖଳନ ହୋଇଥିଲା । ଏହି କାରଣରୁ କୁମତା ଓ କାରଭାର ମଧ୍ୟରେ ଜାତୀୟ ରାଜପଥ ୬୬ ବନ୍ଦ ରହିଛି । ଏହି ସମୟରେ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡର ଏଲପିଜି ବୋଝେଇ ଟ୍ୟାଙ୍କର ଓ ଅନ୍ୟ ଏକ ଟ୍ରକ୍ ଓ କିଛି କର୍ମଚାରୀ ଗଙ୍ଗାଭେଲି ନଦୀରେ ଭାସିଯାଇଥିଲେ । ଉତ୍ତର କନ୍ନଡ ଜିଲ୍ଲା ପ୍ରଶାସନ ଏଚ୍‌ପିସିଏଲ୍ ଟ୍ୟାଙ୍କର ଖୋଜିବା ପାଇଁ ଭାରତୀୟ ନୌସେନାର ସହାୟତା ମାଗିଥିଲା ।

## ଇସ୍ରାଏଲ୍‌ରେ ମିସାଇଲ୍ ଆକ୍ରମଣରେ ୧୧ ଯୁବକଙ୍କ ମୃତ୍ୟୁ

**ତେଲଅଭିବ, ନ୍ୟୁଜ୍ ବ୍ୟୁରୋ**

ଇସ୍ରାଏଲ୍ ନିୟନ୍ତ୍ରଣରେ ଥିବା ଗୋଲାନ ହାଇଟ୍ସ ଉପରେ କରାଯାଇଥିବା ମିସାଇଲ୍ ଆକ୍ରମଣରେ ୧୧ଜଣ ଯୁବକଙ୍କ ମୃତ୍ୟୁ ହୋଇଛି । ଆକ୍ରମଣ ଏକ ଫୁଟବଲ ପଡିଆ ଉପରକୁ କରାଯାଇଥିଲା, ଯେଉଁଠାରେ ଯୁବକମାନେ ଫୁଟ୍‌ବଲ୍ ଖେଳୁଥିବା ବେଳେ ଆକ୍ରମଣର ଶିକାର ହୋଇଥିଲେ । ଏହି ଆକ୍ରମଣ ହିଜବୁଲା ପକ୍ଷରୁ କରାଯାଇଥିବା ନେଇ ସନ୍ଦେହ କରାଯାଉଛି । ଏହି ଖବର ପରେ ପ୍ରଧାନମନ୍ତ୍ରୀ ବେଂଜାମିନ ନେତାନ୍ୟାହୁ ନିଜ ଆମେରିକା ଯାତ୍ରା ଅଧା ଛାଡି ପ୍ରତ୍ୟାବର୍ତ୍ତନ କରୁଛନ୍ତି । ଏଥିପାଇଁ ବହୁମୂଲ୍ୟ ଦେବାକୁ ପଡିବ ବୋଲି ସେ ଚେତାବନୀ ଦେଇଛନ୍ତି ।

# ରାଜଧାନୀରେ ବୁଲା କୁକୁର ଆତଙ୍କ:୨୦ ଆହତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜଧାନୀରେ ବୁଲା କୁକୁରଙ୍କ ଆତଙ୍କ । ଦୁଇ ଦିନରେ ୨୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ବୁଲା କୁକୁର କାମୁଡି ଘାଇଲା କଲାଣି । ସେଥିମଧ୍ୟରେ ଏକାଧିକ ବରିଷ୍ଠ ନାଗରିକ ରହିଛନ୍ତି । ସେପଟେ କୁକୁର ବନ୍ଧ୍ୟାକରଣ ଅଟକିଥିବାରୁ ଏବେ ସହର ସାରା ବୁଲା କୁକୁରଙ୍କ ରାଜୁତି ବଢ଼ିବାରେ ଲାଗିଛି । ନୂଆପଲ୍ଲୀ ବ୍ରିଟ୍ କଲୋନୀ ଅଞ୍ଚଳରେ ଜଣେ ଯୁବକଙ୍କୁ ବୁଲା କୁକୁର କାମୁଡିଛି । ସେ ଦୋକାନରେ ଠିଆ ହୋଇଥିବା ବେଳେ ପଛପଟୁ କୁକୁର ହଠାତ୍ ତାଙ୍କୁ କାମୁଡି ଥିଲା । ସେହିପରି ସହିଦନଗରରେ ମଧ୍ୟ ଜଣେ ବରିଷ୍ଠ ନାଗରିକଙ୍କୁ ବୁଲା କୁକୁର କାମୁଡି ଘାଇଲା କରିଛି । ରାଜଧାନୀରେ ଗତ କିଛିଦିନ ହେବ କୁକୁର କାମୁଡା ବଢିଛି । ଫଳରେ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି । ଦୁଇ ମାସ ହେଲା କୁକୁର ବନ୍ଧ୍ୟାକରଣ ବନ୍ଦ ରହିଛି । ଫଳରେ ରାଜଧାନୀରେ ଏବେ ବୁଲା କୁକୁରଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଗାଇଡ୍‌ଲାଇନ୍ ଅନୁସାରେ ଯଦି କୌଣସି ସଂସ୍ଥା କୁକୁର ବନ୍ଧ୍ୟାକରଣ ଦାୟିତ୍ୱ ନେବ, ତାହାଲେ



ପିଆରସି (ପ୍ରୋଜେକ୍ଟ ରେକମେଣ୍ଡେସନ୍ ସାର୍ଟିଫିକେଟ୍) ବାଧ୍ୟତାମୂଳକ ଜଣେ ଅଭିଜ୍ଞ ଡାକ୍ତର ନାମରେ ଏହି ପିଆର୍‌ସି ଆବେଦନ ହେବ । ସେ ଅନ୍ୟୁନ ୨ ହଜାରକୁ ଅଧିକ କୁକୁରଙ୍କର ସଫଳ ଅସ୍ତ୍ରୋପଚାର କରିଥିବା ଆବଶ୍ୟକ । କିନ୍ତୁ ବିଏମ୍‌ସି ପାଇଁ ଯେଉଁ ଘରୋଇ ସଂସ୍ଥା କୁକୁର ବନ୍ଧ୍ୟାକରଣ ଦାୟିତ୍ୱ ନେଇଥିଲା ତା ପାଖରେ ପିଆର୍‌ସି ନାହିଁ । ତେଣୁ ସଂସ୍ଥାକୁ ବିକେୟ ବିଲ୍ ମିଳିପାରୁନାହିଁ । ବିଲ୍ ମିଳିବ କି ନାହିଁ, ସେ ଦ୍ୱନ୍ଦ୍ୱରେ । ଉକ୍ତ ସଂସ୍ଥା ଆଉ କୁକୁର ବନ୍ଧ୍ୟାକରଣ କରୁନାହିଁ । ବିଏମ୍‌ସି ପକ୍ଷରୁ ମଞ୍ଚେଶ୍ୱରରେ କୁକୁର ବନ୍ଧ୍ୟାକରଣ ପାଇଁ ବିରାଟ କୋଠା ତିଆରି ହୋଇଛି । ଦୈନିକ ଶହେରୁ ଅଧିକ କୁକୁର ବନ୍ଧ୍ୟାକରଣ ପାଇଁ ବ୍ୟବସ୍ଥା ହୋଇଛି । ଦୀର୍ଘ ୨ ମାସ ହେଲା କୁକୁର ବନ୍ଧ୍ୟାକରଣ ବନ୍ଦ ରହିଥିଲା । ଖରା ପାଇଁ ପଶୁ ସମ୍ପଦ ବିଭାଗ ପକ୍ଷରୁ କୁକୁର ବନ୍ଧ୍ୟାକରଣରେ ରୋକ୍ ଲଗାଯାଇଥିଲା । ତାପରେ ପିଆରସି ପ୍ରସଙ୍ଗ ପଦାକୁ ଆସିଲା । ଏବେ ହେଲେ ଏବେ ବର୍ଷା ଆସିଲାଣି, ଯେହେତୁ ସଂସ୍ଥା ପାଖରେ ସାର୍ଟିଫିକେଟ୍ ନାହିଁ, ବନ୍ଧ୍ୟାକରଣ ଆଗକୁ ବଢିପାରୁନି । ସେପଟେ ବିଏମ୍‌ସି କହିଛି ସଂସ୍ଥା ପିଆର୍‌ସି ପାଇଁ ଆବେଦନ କରିଛି । ସହର ସାରା ମାଳ ମାଳ କୁକୁର ବୁଲୁଛନ୍ତି । କାମୁଡିବାକୁ ଗୋଡାଇ ଆସୁଛନ୍ତି । କୁକୁରଙ୍କ ଯୋଗୁ ଦୁର୍ଘଟଣାର ଶିକାର ହେଉଛନ୍ତି ଗାଡ଼ି ଚାଳକ । ରତି ବେଳା ତ ସ୍ଥିତି ଆହୁରି ଖରାପ । ଏପରିସ୍ଥଳେ କେବେ କୁକୁର ବନ୍ଧ୍ୟାକରଣ ପାଇଁ ବାଟ ଫିଟିବ ତାକୁ ନେଇ ଅନିଶ୍ଚିତତା ଦେଖାଦେଇଛି । ମେୟର ସୁଲୋଚନା ଦାସ କହିଛ ଖୁବ୍‌ଶୀଘ୍ର କୁକୁର ବନ୍ଧ୍ୟାକରଣ ପୁଣି ଆରମ୍ଭ ହେବ ।

## କାସିଆରୁ ଅଜଣା ଯୁବକର ମୃତଦେହ ଉଦ୍ଧାର

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ଚମ୍ପୁଆ ଉପଖଣ୍ଡସ୍ଥ ବଡ଼ବିଲ ଥାନା ସେରେଣ୍ଡା ପଞ୍ଚାୟତ ଅନ୍ତର୍ଗତ କାଶିଆ ତଳସାହି ନିକଟରୁ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର ହୋଇଛି । ରବିବାର ଅପରାହ୍ନ ଦିନ ଦୁଇଟା ସମୟରେ କାଶିଆ ତଳ ସାହି ନିକଟରେ ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିବା ସ୍ଥାନୀୟ କିଛି ବ୍ୟକ୍ତି ଦେଖିଥିଲେ । ପରେ ଏନେଇ ବଡବିଲ ପୋଲିସକୁ ସୂଚନା ଦିଆଯାଇଥିଲା । ଯୁବକଙ୍କ ମୁଣ୍ଡ ଏବଂ ମୁହଁରେ ଗଭୀର କ୍ଷତଚିହ୍ନ ରହିଥିବାବେଳେ ପ୍ରବଳ ରକ୍ତସ୍ରାବ ହୋଇଥିବା ଦେଖିବାକୁ ମିଳିଛି । ମୃତ ଶରୀର ନିକଟରେ ଏକ ସାଇକେଲ ମଧ୍ୟ ପଡ଼ି ରହିଛି । ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖିଲେ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି । ମୃତକଙ୍କ ସଠିକ୍ ପରିଚୟ ମିଳିନଥିବାବେଳେ ଖବରପାଇ ବଡ଼ବିଲ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଛାନ୍‌ଭିନ୍ ଆରମ୍ଭ କରିଛି । ଏନେଇ ବଡ଼ବିଲ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ବଡ଼ବିଲ ପୋଲିସ୍ ଅଧିକ ତଦନ୍ତ ଜାରି ରଖିଛି । ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁ ପଛର କାରଣ ସ୍ପଷ୍ଟ ହୋଇପାରିବ ବୋଲି ପୋଲିସ କହିଛି ।

## ସାମ୍ବାଦିକା ମଧୁମିତା ପରିଡ଼ା ମୃତ୍ୟୁ ମାମଲା:ଆସିଲା ଶବ ବ୍ୟବଚ୍ଛେଦ ରିପୋର୍ଟ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସାମ୍ବାଦିକା ମଧୁମିତା ପରିଡ଼ାଙ୍କ ମୃତ୍ୟୁ ଘଟଣାରେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଛି । ରିପୋର୍ଟ ଅନୁଯାୟୀ ମୃତ୍ୟୁ ପୂର୍ବରୁ ମଧୁମିତାଙ୍କ ଦେହରେ ଏକାଧିକ କ୍ଷତ ରହିଛି । ଟ୍ରେନ୍ ଆଗକୁ ଡେଇଁବା ପରେ ମଧୁମିତା କିଛି ବାଟ ଘୋଷାଡ଼ି ହୋଇଯାଇଥିଲେ । ଏହାପରେ ବି କିଛି ସମୟ ବଞ୍ଚିଥିଲେ ମଧୁମିତା । ଏକାଧିକ କ୍ଷତ ପାଇଁ ପରେ ତାଙ୍କର ମୃତ୍ୟୁ ହୋଇଛି । ସୂଚନାଯୋଗ୍ୟ ଯେ ଚଳନ୍ତା ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ ମଧୁମିତା । ସ୍ୱାମୀ ଶ୍ରୀଧର ଜେନାଙ୍କ ପରକୀୟା ପ୍ରିତିକୁ ନେଇ ମର୍ମାହତ ହୋଇ ଆତ୍ମହତ୍ୟା କରିଥିବା କଥା ମୃତ୍ୟୁ ପୂର୍ବରୁ ସୋସିଆଲ ମିଡିଆରେ ଭିଡିଓ କରି ସେୟାର କରିଥିଲେ । ଘଟଣାରେ ମଧୁମିତାଙ୍କ ସ୍ୱାମୀ ଶ୍ରୀଧର ଜେନାଙ୍କୁ ଗିରଫ କରି ତଦନ୍ତ କରୁଛି ପୋଲିସ ।

## ଗଞ୍ଜେଇ ଜବତ୍ ମାମଲାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା କଣ୍ଠା ଗ୍ରାମ ରାସ୍ତା ନିକଟରୁ ଗଞ୍ଜେଇ ଜବତ ମାମଲାରେ ଜଣେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ବାଉଁଶୁଣୀ ପୋଲିସ । ମିଳିଥିବା ସୂଚନା ଅନୁଯାୟୀ ଶନିବାର କଣ୍ଠା ଗ୍ରାମ ନିକଟରେ ଗଞ୍ଜେଇ ଚାଲାଣ ସମ୍ପର୍କିତ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବାଉଁଶୁଣୀ ଥାନା ପୋଲିସ୍ ଚଢଉ କରିଥିଲା । ଏକ ବସ୍ତାରେ ଗଞ୍ଜେଇ ସହ ଗ୍ରାମର ଗିରିଶ ତାଣ୍ଡିଆଙ୍କୁ ଗିରଫ କରିଥିଲା । ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଓଜନ କରାଯିବାରୁ ବସ୍ତାରେ ଥିବା ଗଞ୍ଜେଇ ୨୫ କେଜି ୩୦୦ ଗ୍ରାମ ହୋଇଥିଲା ।



ଏ ସମ୍ପର୍କରେ ବାଉଁଶୁଣୀ ଥାନାରେ ଏକ ଏନ୍‌ଡିପିଏସ୍ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ବାଉଁଶୁଣୀ ପୋଲିସ ବୌଦ୍ଧ ଆଣି କୋର୍ଟ ଚାଲାଣ କରିଛି ।

## ନଦୀରେ ଭାସିଯାଇ ଗର୍ଭବତୀ ମା’ ଓ ୬ ବର୍ଷର ଝିଅଙ୍କ ମୃତ୍ୟୁ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲାରେ ଘଟିଛି ଏକ ଦୁଃଖଦ ଘଟଣା । କୋରାପୁଟ ଜିଲ୍ଲା ନାରାୟଣପାଟଣା ଝଞ୍ଜାବତୀ ନଦୀରେ ୮ ମାସର ଗର୍ଭବତୀ ମହିଳା ଓ ତାଙ୍କ ୬ ବର୍ଷର ଝିଅ ଭାସିଯାଇଥିବା ସୂଚନା ମିଳିଛି । ପ୍ରସବ ପାଇଁ ପାଲାପୁଟ୍ ସ୍ଥିତ ମାଆ ଗୃହରୁ ଶୌଚ ପାଇଁ ନିକଟସ୍ଥ ଝଞ୍ଜାବତୀ ନଦୀରେ ଯାଇଥିବା ବେଳେ ନିଖୋଜ ହୋଇଥଲେ । ପ୍ରଥମେ ଝିଅ ପରେ ମାଆ ନଦୀ ଭିତରକୁ ପଶି ଯାଇଥିବା ସୂଚନା ହସ୍ତଗତ ହୋଇଛି । ୬ ବର୍ଷର ଝିଅକୁ ଉଦ୍ଧାର କରିବାକୁ ଯାଇ ଦୁର୍ଘଟଣା ଘଟିଥାଇପାରେ ବୋଲି ସ୍ଥାନୀୟ ପୋଲିସର ପ୍ରାଥମିକ ସୂଚନା ମିଳିଛି । ଗର୍ଭବତୀ ମହିଳା ନାରାୟଣପାଟଣା ଥାନା ଡୋକରିଘାଟି ଗାଁର ରାମ ତାଣ୍ଡିଙ୍କ ସ୍ତ୍ରୀ ମତି ତାଣ୍ଡି ବୋଲି ଜଣାପଡ଼ିଛି । ରାତ୍ରିରୁ ଘଟଣାସ୍ଥଳକୁ ସ୍ଥାନୀୟ ଦମକଳ ଟିମ୍ ଓ ପୋଲିସ ପହଞ୍ଚି ଖୋଜା ଖୋଜି କରିଥିଲେ । ଅନ୍ୟପଟେ ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ଟିମ୍ ପହଞ୍ଚି ଶବ ଉଦ୍ଧାର କରିଛନ୍ତି । ଏନେଇ ସ୍ଥାନୀୟ ବାସିନ୍ଦା ସ୍ୱାସ୍ଥ୍ୟ ବିଭାଗର ଅପରଗତା ଯୋଗୁଁ ଗର୍ଭବତୀ ମହିଳା ଓ ଛୁଆର ଏପରି ଅବସ୍ଥା ହୋଇଛି ବୋଲି ଦାୟୀ କରିଛନ୍ତି ।

## ||||||||||||| ବଣବୁଦା ଘେରରେ ମୁଖ୍ୟ ଓ ଶାଖା କେନାଲ |||||||||||||

# ଅନିଶ୍ଚିତତାରେ ଚାଷକାର୍ଯ୍ୟ:ଚେଇଁ ଶୋଇଛି ଜଳ ସମ୍ପଦ ବିଭାଗ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ମାସ ସରିଆସିଲାଣି । ଚାଷୀକୁଳକୁ ଗୋଟିଏ ପଟେ ସ୍ୱଳ୍ପ ବର୍ଷା ଦାଉସାଧିଲାଣି ତ ଅନ୍ୟପଟେ ଜଳ ସମ୍ପଦ ବିଭାଗର ଉଦାସୀନତା ଯୋଗୁଁ ଚାଷୀ ଏହି ବର୍ଷ ମୁଣ୍ଡରେ ହାତ ଦେଇ ବସିଛି । ରାୟଗଡା ଜିଲ୍ଲା ସଦର ବ୍ଲକ ଗାଜିଗାଁ ପଞ୍ଚାୟତର ଚମ୍ପିକୋଟା, ଗାଜିଗାଁ, ଆଚବା, ଆନନ୍ଦପୁର ଓ ବିଲେଷୁ ଗ୍ରାମ ଗୁଡିକର ଚାଷ ଜମିକୁ ଜଳସେଚିତ ଜମିକୁ ପାଣି ମଡ଼ାଇବା ପାଇଁ ଗୋଟିଏ ମୁଖ୍ୟ କେନାଲ୍ ରହିଥିବା ବେଳେ ଶାଖା କେନାଲ୍ ଗୁଡ଼ାଏ ରହିଛି । ସେଗୁଡ଼ିକ ଏବେ ବଣବୁଦାରେ ପରିପୂର୍ଣ୍ଣ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି । ଜୁଲାଇ ଶେଷ ହୋଇଥିବାବେଳେ ଉକ୍ତ ମୁଖ୍ୟ ଓ ଶାଖା କେନାଲ ଗୁଡ଼ିକର ସଫେଇ କରାଯାଇନାହିଁ । ଫଳରେ ଚାଷ କାର୍ଯ୍ୟ ବ୍ୟାଘାତ ହେବା ନେଇ ଆଶଙ୍କା ସୃଷ୍ଟି



ହୋଇଛି । ଏଥିଯୋଗୁଁ ୪ଟି ରାଜସ୍ୱ ଗ୍ରାମର ପ୍ରାୟ ୧୦୦୦ ହେକ୍ଟରରୁ ଉର୍ଦ୍ଧ୍ୱ ଚାଷଜମି ପ୍ରଭାବିତ ହେବା ନେଇ ଗାଜିଗାଁ ପଞ୍ଚାୟତର କୃଷକମାନେ ଅଭିଯୋଗ କରିଛନ୍ତି । ଜଳ ସମ୍ପଦ ବିଭାଗ ରାୟଗଡା ଡିଭିଜନ୍ ରାୟଗଡା ସେକ୍ସନ୍ କନିଷ୍ଠ ଯନ୍ତ୍ରୀଙ୍କ ଅଧୀନରେ ଏହି ଜଳସେଚିତ କେନାଲ୍ ରହିଛି । ଏହି ମୁଖ୍ୟ କେନାଲ ଚମ୍ପିକୋଟା ଡ୍ୟାମ୍‌ରୁ ବାହାରି ବିଲେଷୁ ପର୍ଯ୍ୟନ୍ତ ପ୍ରାୟ ୭.୫ କି ମି ଲମ୍ବା ରହିଥିବା ବେଳେ ମୁଖ୍ୟ କେନାଲ୍‌ର ବାମ ଡାହାଣରେ ଶାଖା କେନାଲ ଗୁଡିକର ଲମ୍ବା ୩.୫ କିମି ରହିଛି । ବର୍ତ୍ତମାନ ଜୁଲାଇ ମାସ ହେଲାଣି । କେନାଲ ଗୁଡିକ ପରିତ୍ୟକ୍ତ ଅବସ୍ଥାରେ ଥିବା ଶାଖା ଓ ମୁଖ୍ୟ କେନାଲର ସଫେଇ କାର୍ଯ୍ୟ ଶେଷ ହୋଇଥିବାବେଳେ ଏଥିରୁ ବାହାରିଥିବା ଶାଖା କେନାଲଗୁଡିକୁ ଅଣଦେଖା କରାଯାଇଛି । ଅନିୟମିତ ବର୍ଷା ଚାଷ ଉପଯୋଗୀ ହେଉନଥିବା ବେଳେ ଚାଷ ଜମିକୁ ଜଳସେଚନ ସୁବିଧା ଥାଇ ଉପଯୁକ୍ତ ସମୟରେ ଏହାକୁ ସଫେଇ କରି ଉପଯୁକ୍ତ ଚାଷୀଙ୍କ କ୍ଷେତକୁ ପାଣି ଯୋଗାଇଦେବା କ୍ଷେତ୍ରରେ ସମ୍ପୃକ୍ତ ବିଭାଗ ଫେଲ୍ ମାରିଥିବା ବେଳେ ସମ୍ପୃକ୍ତ ଅଞ୍ଚଳର ଚାଷୀ କୁଳ ଏକ ପ୍ରକାର ହତାଶ ହୋଇପଡିଛନ୍ତି । ଏହାର ପ୍ରଭାବରେ ପ୍ରାୟ ୧୦୦୦ ହେକ୍ଟର ଚାଷଜମି ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି । ଏହି ସମ୍ପର୍କରେ ବିଭାଗୀୟ ଅଧିକାରୀ କହିଛନ୍ତି ଯେ ଅତି ଶୀଘ୍ର ଚମ୍ପିକୋଟା ଏମଆଇପିର ମୁଖ୍ୟ ଓ ଶାଖା କେନାଲ ଗୁଡିକର ବୁଦା ସଫା କରି ଚାଷୀଙ୍କ ଜମିକୁ ପାଣି ଯୋଗେଇବା ପାଇଁ ଚେଷ୍ଟା କରିବୁ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ସାହୁ ପ୍ରକାଶ କରିଛନ୍ତି ।





## ସ୍କୁଲ୍ ରାସ୍ତା ଶୋଚନୀୟ:ନିର୍ବାହୀ ଅଧିକାରୀଙ୍କୁ ଭେଟିଲେ ଶିକ୍ଷକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଜ୍ଞାନପୀଠ ଛକ ଠାରୁ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଗେଟ୍ ପର୍ଯ୍ୟନ୍ତ ରାସ୍ତା ଅତି ଶୋଚନୀୟ ହୋଇପଡିଛି । କେନ୍ଦ୍ରାପଡାର ଜଣାଶୁଣା ଶିକ୍ଷାନୁଷ୍ଠାନ ଭାରତୀ ବିଦ୍ୟା ମନ୍ଦିର ଏହି ରାସ୍ତା ପାର୍ଶ୍ୱରେ ଅବସ୍ଥିତ । ରାସ୍ତାଟି ଏତେ ଶୋଚନୀୟ ହୋଇପଡିଛି ଯେ, ସ୍କୁଲ୍‌କୁ ଯାତାୟାତ କରୁଥିବା ଛାତ୍ରଛାତ୍ରୀ ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଘୋର୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରାୟ ୨ବର୍ଷ ହେବ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପୌରସଂସ୍ଥା ପକ୍ଷରୁ ରାସ୍ତାର ମରାମତି କିମ୍ବା ପୁନର୍ବାର ରାସ୍ତା ନିର୍ମାଣ ହେଉନଥିବାରୁ ସୋମବାର ସ୍କୁଲ୍ ପରିଚାଳନା କମିଟିର ସଦସ୍ୟ ଏବଂ ସ୍ଥାନୀୟ ଅଞ୍ଚଳର ବ୍ୟକ୍ତି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କରଙ୍କୁ ଭେଟି ରାସ୍ତା ତୁରନ୍ତ ମରାମତି କରିବା ପାଇଁ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ସ୍କୁଲ୍ ପରିଚାଳନା କମିଟିର ସଭାପତି ଅଶ୍ୱିନୀ କୁମାର ସାହୁ, ସମ୍ପାଦକ ଆଇନଜୀବୀ ଶାନ୍ତି ସ୍ୱରୂପ ଭୂୟାଁ, ପ୍ରଧାନ ଶିକ୍ଷୟିତ୍ରୀ ବିଜୟିନୀ ଦାସ, ସତ୍ୟବାଦୀ ରଥ, ସୁରେନ୍ଦ୍ର ପତି, ରମାକାନ୍ତ ତ୍ରିପାଠୀ, ଚନ୍ଦନ ଚର୍ଚ୍ଚିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧ ଅଗଷ୍ଟ ୨୦୨୪ ଗୁରୁବାର







ଭୁବନେଶ୍ୱର: ରାଜଭବନ ଠାରେ ରାଜ୍ୟପାଳ ରଘୁବାର ଦାସଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶାଗସ୍ତ ଅବସରରେ ବିଭିନ୍ନ ଫଟୋ ସମ୍ବଳିତ ଏକ ଆଲ୍‌ବମ୍‌କୁ ହସ୍ତାନ୍ତର କରୁଛନ୍ତି ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ **(ଫଟୋ: ସମ୍ବାଦ କଳିକା)**

# ଖଣି ବିଭାଗର ଚଢ଼ଉ:୩ କୋଟି ଟଙ୍କାର ବାଲି ଜବତ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ବରଙ୍ଗ ତହସିଲ ଅଧିନରେ ଥିବା ମହାନଦୀ, କାଠେଯୋଡ଼ି ଓ କୁଆଖାଇ ନଦୀ ବାଲି ଘାଟଗୁଡିକ ବନ୍ଦ ରହିଛି । ସାଧାରଣ ଲୋକମାନେ ଘର କରିବାକୁ ବାଲି ମିଳୁ ନଥିବାରୁ ଘର କାମ କରିପାରୁ ନାହାଁନ୍ତି । ଯାହା ବାଲି ମିଳୁଛି ହାଇୱା ଟ୍ରିପ୍‌କୁ ୧୨ ହଜାରରୁ ୨୦ ହଜାର ଟଙ୍କା ଦେବାକୁ ପଡୁଛି । ବାଲି ମାଫିଆମାନେ ବାଲିର କଳାବଜାର କରି ଚଢା ଦରରେ ବିକ୍ରି କରୁଛନ୍ତି । ବାଲି ଘାଟ ବନ୍ଦ ହେବା ପୂର୍ବରୁ ବାଲିର କୌଣସି କାଗଜପତ୍ର ନକରି ବାଲି ମାଫିଆମାନେ ବାଲି ଘାଟମାନଙ୍କରୁ ବାଲି ଚୋରିକରି ସରକାରୀ ଜମି, ଖେଳ ପଡିଆ ଆଦିରେ ଗଦା କରି ରଖୁଛନ୍ତି ଯାହାକି ବର୍ଷା ଦିନମାନଙ୍କରେ ସେମାନେ ଚଢାଦରରେ ବିକ୍ରି କରିଥାନ୍ତି । ସୋମବାର ବାରଙ୍ଗ ବ୍ଲକରେ କଟକ ଭାରପ୍ରାପ୍ତ ଜିଲ୍ଲାପାଳ ଉମାକାନ୍ତ ରାଜଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଏହି ସମୟରେ କିଛି ଗ୍ରାମବାସୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବେଲଗଛା ଗ୍ରାମ ପଞ୍ଚାୟତର ଜୟପୁର କୁଆଖାଇ ନଦୀରୁ ବିନା ଲିଜ୍‌ରେ ବେଆଇନ୍ ଭାବରେ ବାଲିଘାଟରୁ ମାଫିଆମାନେ ପ୍ରତ୍ୟେକ ଦିନ ଟ୍ରିପ୍ ଟ୍ରିପ୍ ବାଲି ଚୋରି କରୁଛନ୍ତି । ଜୟପୁର ଖେଳ ପଡିଆରେ ପାହାଡ ପରି ବାଲିଗଦା ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ । ଏହି ଘଟଣାକୁ ଗୁରୁତ୍ୱ ନେଇ ଭାରପ୍ରାପ୍ତ ଜିଲ୍ଲାପାଳଙ୍କ କଡା ତାଗିଦ୍ ପରେ ମଙ୍ଗଳବାର ଅପରାହ୍ନରେ କଟକ ଜିଲ୍ଲା ଗ୍ରାମାଞ୍ଚଳ ଖଣି ବିଭାଗ ବାରଙ୍ଗ ପୋଲିସ ଓ ତହସିଲଦାରଙ୍କ ସହ ଯାଇ ବେଆଇନ୍ ବାଲି ଗଦାରେ ନାଲି ପତାକା ମାରି ତହସିଲକୁ ଜିମା ଦେଇଥିଲେ । ତିନୋଟି ଟ୍ରାକ୍ଟରରେ ବାଲି ଲୋଡ କରୁଥିଲେ । ଚଢଉ କଥା ଶୁଣି ଟ୍ରାକ୍ଟର ଧରି ପଳାଇଥିଲେ । ଏହି ଟିମ୍ ୪୦ ସ୍ଥାନରେ ଚଢଉ କରି ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବାଲି ଜବତ କରାଯାଇଥିବା ଜଣାପଡିଛି । ବିଭାଗର ଏଭଳି ପଦକ୍ଷେପରେ ବାଲି ମାଫିଆ ମାନଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି ।

## ରେଳ ନିରାପତ୍ତା ପାଇଁ ପୂର୍ବତଟ ରେଳପଥର ପଦକ୍ଷେପ

# ଭଦ୍ରକ-ପଲାସା ଏବଂ ଖୋର୍ଦ୍ଧାରୋଡ଼୍-ପୁରୀ ରେଳ ସେକ୍ସନ୍‌ରେ ବାଡ଼ ଦିଆଯିବ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରେଳ ନିରାପତ୍ତାକୁ ସୁଦୃଢ଼ କରିବା ଏବଂ ଟ୍ରେନ୍‌ର ଗତି ବୃଦ୍ଧି କରାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ ରେଳ ମଣ୍ଡଳର ଭଦ୍ରକ-ପଲାସା ଏବଂ ଖୋର୍ଦ୍ଧା ରୋଡ-ପୁରୀ ରେଳ ସେକ୍ସନରେ ଟ୍ରାକ୍ ନିରାପତ୍ତା ଜନିତ ରେଳ ଧାରଣା କଡରେ ବାଡ ଦେବା ପାଇଁ ରେଳ ମନ୍ତ୍ରଣାଳୟ ୨୭୫.୦୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଯାହାଦ୍ୱାରା ଏହି ମାର୍ଗରେ ୧୩୦ କିଲୋମିଟର ଏବଂ ତାଠାରୁ ଅଧିକ ବେଗରେ ଟ୍ରେନ୍‌ର ନିରାପଦ ଚଳାଚଳ କାର୍ଯ୍ୟକୁ ସହଜ କରିବାକୁ ଏହି ପ୍ରକଳ୍ପ ଲକ୍ଷ୍ୟ ରଖିଛି । ଏହି ବାଡ଼ଦେବା କାର୍ଯ୍ୟକୁ ସୁନିଶ୍ଚିତ କରିବା ଏବଂ ଯେକୌଣସି ବ୍ୟାଘାତକୁ ଏଡାଇବା ପାଇଁ ରେଳ ମନ୍ତ୍ରଣାଳୟ ଟ୍ରାକ୍ ନିକଟରେ ନିଜ ସୀମା ମଧ୍ୟରେ ପ୍ରାଚୀର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛି । ବର୍ତ୍ତମାନର ଯୋଜନାରେ ରେଳ ଜମିର ସୀମାନ୍ତରେ ଫେନସିଂ ନିର୍ମାଣ ଅନ୍ତର୍ଭୁକ୍ତ, ପ୍ରକୃତ ଦୂରତା ସହିତ ଜୋନାଲ ରେଳ କର୍ତ୍ତୃପକ୍ଷର ସ୍ଥାନିତ ସ୍ଥିତି, ରକ୍ଷଣାବେକ୍ଷଣ ଆବଶ୍ୟକତା, ମଲ୍ଟି ଟ୍ରାକିଂ କାର୍ଯ୍ୟ, ଅପରାଧର ସ୍ତର ଏବଂ ପ୍ରସ୍ତାବିତ ବାଡ଼ର ସାମଗ୍ରିକ କାର୍ଯ୍ୟକାରିତା ଉପରେ ନିର୍ଭର କରିବ । ଏହି ପଦକ୍ଷେପଟି ଲେଭଲ କ୍ରସିଂ, ଫ୍ଲାଏଓଭର, ଉପାମାର୍ଗ, ବ୍ରିଜ୍ ଏବଂ ପ୍ରବେଶ ନିୟନ୍ତ୍ରଣ ଆବଶ୍ୟକ କରୁଥିବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସହିତ ଟ୍ରାକ୍ ପ୍ରବେଶକୁ ସିଲ୍ କରିବାକୁ ଲକ୍ଷ୍ୟ ରଖିଛି । ଏହା ବ୍ୟତୀତ, ରେଳ ଟ୍ରାକ୍ ନିକଟରେ ଚରୁଥିବା ବା ବିଚରଣ କରୁଥିବା ଗୃହପାଳିତ ପଶୁ ରେଳ ଲାଇନ୍‌ରେ ପ୍ରବେଶ କରିପାରିବେ ନାହିଁ । ଏହା ମଧ୍ୟ ଯାତାୟାତର ସୁଗମତା ପାଇଁ ଲାଭ ପ୍ରଦାନ କରିବ ଏବଂ ପଶୁମାନଙ୍କ ଜୀବନ ନଷ୍ଟ ହେବନାହିଁ । ନିକଟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲୋକସଭାରେ ସୂଚନା ଦେଇ କହିଛନ୍ତି ଯେ ୧୧୦ କିଲୋମିଟରରୁ ୧୩୦ କିଲୋମିଟର ବେଗରେ ବନ୍ଦେ ଭାରତ ଟ୍ରେନ୍ ଚଳାଚଳକୁ ସୁଗମ କରିବା ପାଇଁ ଅଣସୁରକ୍ଷିତ ସ୍ଥାନରେ ସୁରକ୍ଷା ବାଡ଼ କୌଶଳ ପ୍ରୟୋଗ କରାଯିବ । ୧୩୦ କିଲୋମିଟରରୁ ଅଧିକ ବେଗ ପାଇଁ, ସମଗ୍ର ଟ୍ରାକ୍ ଦୈର୍ଘ୍ୟରେ ନିରନ୍ତର ନିରାପତ୍ତା ଜନିତ ବାଡ଼ ଦେବା କାର୍ଯ୍ୟ ଅଥବା ଫେନସିଂ ସ୍ଥାପନ କରାଯିବ । ରେଳ ମନ୍ତ୍ରଣାଳୟ ଭାରତରେ ଦ୍ରୁତ ଗତିରେ ଟ୍ରେନ୍ ଯାତ୍ରା ଉପଲବ୍ଧ କରାଇବାର ଚାହିଦା ପୂରଣ କରିବା ପାଇଁ ରେଳ ନିରାପତ୍ତା ଏବଂ ଭିତ୍ତିଭୂମି ଅଗ୍ରଗତି କରିବାକୁ ପ୍ରତିଶ୍ରୁତିବଦ୍ଧ । ଏହି ନିରାପତ୍ତା ଫେନସିଂ ବା ବାଡ଼ଦେବା ପ୍ରକଳ୍ପ ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ସୁନିଶ୍ଚିତ କରିବା ସହିତ ଦେଶ ପାଇଁ ଏକ ନିରାପଦ ଏବଂ ଅଧିକ ଦକ୍ଷ ରେଳ ନେଟୱାର୍କ ସୁନିଶ୍ଚିତ କରିବା ।



# ଖାଦ୍ୟ ନାଁରେ ବିକ୍ରି ହେଉଛି ବିଷ:ଖାଉଟି ହନ୍ତସନ୍ତ

**ଧର୍ମଗଡ଼, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକରେ ଏବେ ଏକ୍ସପେରିଡେଟ୍ ଯାଇଥିବା ୫୦-୫୦ ବିସ୍କୁଟ୍ ବିକ୍ରି ହେଉଥିବା ନେଇ ଖାଉଟିମାନେ ଅଭିଯୋଗ କରିଛନ୍ତି । ଅନ୍ୟ ପକ୍ଷରେ ଖାଦ୍ୟ ନିରାପତ୍ତା ଅଧିକାରୀ ବା ଫୁଡ଼ ଇନ୍‌ସପେକ୍ଟରଙ୍କ ନିଘୋଡ଼ ନିଦ୍ରା ଯୋଗୁଁ ଏଭଳି ଅବସ୍ଥା ଦେଖିବାକୁ ମିଳିଛି । କେବଳ ବିସ୍କୁଟ୍ ନୁହେଁ, ଖାଦ୍ୟ ନାଁରେ ବିଷ ବିକ୍ରି ହେଉଥିଲେ ସୁଦ୍ଧା ଏନେଇ କୌଣସି ଧରପଗଡ଼ ହେଉନଥିବା ଯୋଗୁଁ ଖାଉଟି ହନ୍ତସନ୍ତ ହେଉଛନ୍ତି । ଗୋଲାମୁଣ୍ଡା ବ୍ଲକ ଏକ ଅନୁନ୍ନତ ବ୍ଲକ ଅଟେ । ଏ ଅଞ୍ଚଳର ଲୋକେ ଅନେକ ସରଳ ହୋଇଥିବା ବେଳେ ଏହାର ଫାଇଦା ନେଇ ଅସାଧୁ ବେପାରୀ ମାନେ ଖାଦ୍ୟ ନାଁରେ ବିଷ ବିକ୍ରି କରି ସରଳ ନିଷ୍କପଟ ଲୋକଙ୍କ ଜୀବନ ସହିତ ଖେଳୁଛନ୍ତି । ବୃନ୍ଦାବାହାଲର ଦୋକାନ ଗୁଡିକରେ ଏହି ଏକ୍ସପାରିଡେଟ ବିସ୍କୁଟ୍ ଦେଖିବାକୁ ମିଳିଥିଲା । ଦଶପୁର, ଖଲିଆକାନି, ବୃନ୍ଦାବାହାଲ ଅଞ୍ଚଳରେ ଲିମସେର ଗ୍ରାମର ହିମାଂଶୁ ଶେଖର ମେହେର କିରାନା ସାମଗ୍ରୀ ଯୋଗାଉଥିବା ସ୍ଥାନୀୟ ଲୋକେ କହୁଛନ୍ତି । ଫୁଡ଼ ଇନ୍‌ସପେକ୍ଟର ପ୍ରତି ମାସରେ ଯାଞ୍ଚ କରିବାର ନିୟମ ଥିବା ବେଳେ ଡିଲର ଓ ହୋଲ୍‌ସେଲର ମାନଙ୍କ ଠାରୁ ମୋଟା ରକମର ପାଉଣା ନେଇ କାଗଜପତ୍ରରେ ଯାଞ୍ଚ କରାଯାଉଥିବା ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ଏନେଇ ହିମାଂଶୁ ଶେଖର ମେହେରଙ୍କୁ ଫୋନ୍ ଯୋଗେ ପଚାରିଲେ ଭୁଲ୍‌ବଶତଃ ହୋଇଯାଇଛି ବୋଲି ସ୍ୱୀକାର କରିଥିବା ବେଳେ ଥରେ କ୍ଷମା କରିଦିଅନ୍ତୁ ବୋଲି କହିଥିଲେ । ଏ ଉପରେ ଧର୍ମଗଡ଼ ଉପ ଜିଲ୍ଲାପାଳ ଧୀମନ ଚକମାଙ୍କୁ ଅବଗତ କରାଯାଇଥିଲା ।

## ନାବାଳକ ବାଇକ୍ ଚୋର ଗ୍ୟାଙ୍ଗର ପର୍ଦ୍ଦାଫାସ୍

# ୪ ଗିରଫ:୬ ଚୋରା ବାଇକ୍ ଓ ମୋବାଇଲ୍ ଜବତ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦା ଭଞ୍ଜପୁର ଥାନା ପୋଲିସ ବାଇକ୍ ଚୋରି ମାମଲାର ତଦନ୍ତ କରି ୬ଟି ଚୋରା ବାଇକ୍, ୩ଟି ମୋବାଇଲ୍ ଫୋନ୍ ଜବତ କରିଥିବା ବେଳେ, ବାଇକ୍ ଚୋରି ଅଭିଯୋଗରେ ୪ଜଣ ବାଳ ଅପରାଧୀଙ୍କୁ ଗିରଫ କରି ଜୁଭେନାଇଲ୍ କୋର୍ଟକୁ ଚାଲାଣ କରିଥିବାର ଜଣାପଡିଛି । ସୂଚନା ମୁତାବକ ଗତ ତା ୨୨.୭.୨୪ ରିଖ ରାତିରେ ବାରିପଦା ଭୁଗୁଡାକଟା ଅଞ୍ଚଳର ପ୍ରବୀଣ କୁମାର ନାଥ (୨୮) ରାତିରେ ତାଙ୍କର ହୋଣ୍ଡା ଡ୍ରିମ୍ ନିଓ ଗାଡିଟି ଚୋରି ହୋଇଥିବାର ଜାଣି ଭଞ୍ଜପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ମୂଳେ ଭଞ୍ଜପୁର ଥାନା ପୋଲିସ କେଶନଂ ୧୯୧ ମୂଳେ ମାମଲା ରୁଜୁ କରି ଭଞ୍ଜପୁର ଥାନା ଅଧିକାରୀ କରୁଣାକର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଏସଆଇ ଗୋବିନ୍ଦ ଟୁଡୁ ମାମଲାର ତଦନ୍ତ କରୁଥିଲେ । ତେବେ ବାରିପଦା ସହରରେ ଖୁବ୍ ଶସ୍ତା ଦରରେ ପୁରୁଣା ବାଇକ୍ ମିଳୁଥିବାର ଏକ ସୂଚନାକୁ ଆଧାର କରି ଚଢ଼ଉ କରାଯିବା ପରେ ଚୋରି ହୋଇଥିବା ଗାଡି ସହିତ ଅନ୍ୟ ୫ଟି ଚୋରି ମଟର ସାଇକେଲ ମଧ୍ୟ ଉଦ୍ଧାର କରାଯାଇଥିଲା । ତେବେ ଏହି ଅଭିଯୋଗରେ ସମ୍ପୃକ୍ତ ଥିବା ସମସ୍ତ ୪ ଜଣ ଯାକ ଅଭିଯୁକ୍ତ ବାଳ ଅପରାଧୀ ଏବଂ ଜଣଙ୍କର ଘର ବାରିପଦା ଅଞ୍ଚଳରେ ହୋଇଥିବା ବେଳେ ଅନ୍ୟ ୩ ଜଣଙ୍କ ଘର କୁଲିଅଣା ଅଞ୍ଚଳରେ ବୋଲି ଜଣାଯାଇଛି । ସେମାନଙ୍କ ଠାରୁ ୬ଟି ଚୋରି ଗାଡି ସହିତ ୩ଟି ମୋବାଇଲ ଫୋନ୍ ଜବତ କରାଯାଇଥିବା ବେଳେ ଜୁଭେନାଇଲ୍ କୋର୍ଟକୁ ଚାଲାଣ କରାଯାଇଥିବାର ଜଣାଯାଇଛି । ଏବାବଦରେ ମଙ୍ଗଳବାର ଅପରାହ୍ନରେ ଭଞ୍ଜପୁର ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡିଏସପି ଦୋଳମଣି ଭୋଇ ଏବଂ ଭଞ୍ଜପୁର ଥାନା ଆଇଆଇସି କରୁଣାକର ରାଉତ ସୂଚନା ଦେଇଛନ୍ତି ।

## ।।।।।।।।।।। ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ସଂପ୍ରସାରଣ ।।।।।।।।।।।

# ପୋତିଦେଲେ ପାଣି ବାଟ:ନଷ୍ଟ ହେବ ୫୦୦ ଏକର ଫସଲ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି । ଏହି ରାଜପଥକୁ ୪ ଲେନ୍ ବିଶିଷ୍ଟ କରିବା ପାଇଁ କାମ ଆଗେଇ ଚାଲିଥିବା ବେଳେ ପ୍ରାରମ୍ପରିକ ଜଳ ନିଷ୍କାସନ ପାଟନାଳୀକୁ ବିଭାଗ ପୋତି ଦେଇଥିବାରୁ ଗୋପଛକ ଠାରୁ ହଜାରି ଛକ ପର୍ଯ୍ୟନ୍ତ ଡାହାଣ ପଟରେ ଥିବା ବଗଡା ଓ କଳପଡା ପଞ୍ଚାୟତର ପ୍ରାୟ ୫୦୦ ଏକରରୁ ଉର୍ଦ୍ଧ୍ୱ ଜମି ଉପରେ ପାଣି ଜମି ରହି ହଜାର ହଜାର ଚାଷୀଙ୍କ ଫସଲ ନଷ୍ଟ ହେବାରେ ବସିଲାଣି । ଜଳ ନିଷ୍କାସନ ପାଇଁ ଥିବା ପାରମ୍ପରିକ ଛୁନୁଛୁନିଆ କେନାଲର ତଳମୁଣ୍ଡକୁ ପୋତି ଦେଇଥିବାରୁ ପାଣି ଗୋବରୀ ନଦୀକୁ ଯାଇପାରୁନାହିଁ । ବସୁପୁର ନରିଲୋ ଠାରୁ ବାହାରିଥିବା ଏହି କେନାଲ ୧୮ କମି ବାଟ ଅତିକ୍ରମ କରି ହଜାରି ଠାରେ ଗୋବରୀ ନଦୀରେ ମିଶିଛି । ଏହି କେନାଲରେ ଶ୍ୟାମସୁନ୍ଦରପୁର ଠାରୁ ଆରମ୍ଭ କରି ପୁରୁଷୋତମପୁର ପ୍ରଭୃତି ପଞ୍ଚାୟତ ଗୁଡିକର ଉଦ୍‌ବୃତ ବର୍ଷା ଜଳ ନିଷ୍କାସିତ ହୋଇଥାଏ । ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ନିୟୁକ୍ତଥିବା ବିଭାଗୀୟ ଅଧିକାରୀ ମାନଙ୍କ ଦୂରଦୃଷ୍ଟି ଅଭାବ ଓ ମନମୁଖୀ କାର୍ଯ୍ୟ ପାଇଁ ଚାଷୀମାନେ ଜୀବିକା ହରାଇବାକୁ ବସିଲେଣି । ତେବେ ଜଳ ନିଷ୍କାସନ ପାଇଁ କେନ୍ଦ୍ରାପଡା ଡ୍ରେନେଜ୍ ବିଭାଗ ଚଣ୍ଡିଖୋଲରେ ଥିବା ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଚିଠି କଲେ ମଧ୍ୟ ବିଭାଗୀୟ କର୍ମକର୍ତ୍ତାମାନେ କୌଣସି କଥା ଶୁଣୁନାହାଁନ୍ତି । ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଚାଷୀ ଓ ୮ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଞ୍ଜନ ରାଉତ, ଗ୍ରାମର ବହୁ ମୁରବୀ ମାନଙ୍କ ଦାବି ଶୁଣି ଘଟଣା ସ୍ଥଳ ପରିଦର୍ଶନ କରି ପ୍ରକୃତ ଅବସ୍ଥା ଅନୁଧ୍ୟାନ କଲାପରେ ଜାତୀୟ ରାଜପଥ ଓ ଡ୍ରେନେଜ୍ ବିଭାଗର ଅଧିକାରୀ ମାନଙ୍କୁ ସମୀକ୍ଷା ବୈଠକକୁ ଡକାଇ ଜଳ ନିଷ୍କାସନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ କଡା ନିର୍ଦ୍ଦେଶ ଦେଇଛନ୍ତି । ତେବେ ସମୟସୀମା ଭିତରେ ଜଳ ନିଷ୍କାସନ ନହେଲେ ହଜାର ହଜାର ଚାଷୀଙ୍କ ଫସଲ ନଷ୍ଟ ହେବା ସହ ଚାଷୀମାନେ ବର୍ଷକର ଆହାର ହରାଇବେ ।

# ୧୧ ବର୍ଷ ଧରି ବନ୍ଦଥିବା ଆସିକା ସୂତାକଳ ପାଲଟିଲା ଭୂତକୋଠି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

କିଏ କ୍ୟାନ୍‌ସର ଆକ୍ରାନ୍ତ ହୋଇ ଖଟିଆରେ ପଡ଼ିଛି ହେଲେ ଚିକିତ୍ସା ପାଇଁ ପାଖରେ ଅର୍ଥନାହିଁ । କିଏ ପରିବାର ଚଳାଇବା ପାଇଁ ଝାଡୁ ତିଆରି କରୁଛି ତ ଆଉ କିଏ ଔଷଧ ଖର୍ଚ୍ଚ ପାଇଁ ସ୍ୱାମୀ ସ୍ତ୍ରୀ ମିଶି ଗନ୍ଥା ସିଲେଇ କରୁଛନ୍ତି । ଏ ହେଉଛି ଗତ ୧୧ବର୍ଷ ହେଲା ବନ୍ଦ ଥିବା ଆସିକା ସୂତାକଳର କର୍ମଚାରୀଙ୍କ ଦୁର୍ଦ୍ଦଶାର ଦୃଶ୍ୟ । ଏଭଳି ଅନେକ ଦୁଃଖଭରା କାହାଣୀ ଆସିକା ଅଞ୍ଚଳର ଜନଜୀବନରେ ଲୁଚି ରହିଛି । ଏମାନେ ସମସ୍ତେ ଏକଦା ସୂତାକଳରେ କାମ କରୁଥିଲେ । ହେଲେ ସମୟ ଆଉ ପରିସ୍ଥିତି ଏମାନଙ୍କୁ ଏପରି ଦୁର୍ଦ୍ଦିନକୁ ଠେଲି ଦେଇଛି । ବନ୍ଦ ସୂତାକଳର ଛଟେଇ କର୍ମଚାରୀଙ୍କ ଏପରି ଦଶା କେବେ ଦୂର ହେବ କାହାରିକୁ ସେ କଥା ଜଣାନାହିଁ । ୨୦୧୩ ମସିହାରୁ ବନ୍ଦ ପଡ଼ିଥିବା ଆସିକା ସୂତାକଳ ଏବେ ଭୂତକୋଠି ପାଲଟିଗଲାଣି । ଯେଉଁଠି ଦିନ ରାତି ଗହଳି ଚହଳି ଲାଗିରହୁଥିବା, ସେଠି ଆଉ ଶୁଣାଯାଉନାହିଁ କୋଳାହଳ, ନୀରବି ଯାଇଛି ପୁରା ପରିବେଶ । ଓଲଟି ସେହି ସ୍ଥାନକୁ ଯିବାକୁ ଏବେ ଲୋକେ ଭୟ କରୁଛନ୍ତି ।



ସମବାୟ ନଗରୀ ଭାବେ ଏକଦା ପରିଚିତ ପାଇଥିବା ଆସିକା ସହରରେ ଚିନି ଶିଳ୍ପ ପରେ ଗଢ଼ିଉଠିଥିଲା ସୂତାକଳ । ୬୬ ଏକର ଜମି ଅଧିଗ୍ରହଣ କରି ନିର୍ମାଣ କରାଯାଇଥିଲା ବିରାଟ ସୂତାକଳ । ଏଥିପାଇଁ ଜମି ହରାଇଥିବା ଲୋକଙ୍କୁ ନିଯୁକ୍ତି ଦିଆଯାଇଥିଲା । ଦୈନିକ ୪୦୦ କିଲୋ ସୂତା ମଧ୍ୟ ଉତ୍ପାଦନ କରାଯାଉଥିଲା । ପ୍ରଥମେ ଏହା ଆସିକା ସୂତାକଳ ଭାବେ ନାମିତ ଥିଲା । ପରେ ଏହା ଆସିକା-ବାରିପଦା-ସୋନପୁର ସୂତାକଳ ଭାବେ ନାମକରଣ ହୋଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଏହି ଶିଳ୍ପର ଅଧୋପତନ ଘଟିଥିଲା । କ୍ୱାର୍ଟର ଗୁଡିକ ଏବେ ଭଙ୍ଗା ଦଦରା ଅବସ୍ଥାରେ ପହଞ୍ଚିଗଲାଣି । ଏବେବି ସେମାନେ ଦୟନୀୟ ଅବସ୍ଥାରେ ପଡ଼ିରହିଛନ୍ତି କେବଳ ସୂତାକଳ ପୁଣି ଥରେ ଚାଲିବା ଆଶାରେ ସେମାନେ ସେଠାରେ କଷ୍ଟେମଷ୍ଟେ ବଞ୍ଚିଛନ୍ତି । କିଏ ମୂଳ ଲାଗି ପରିବାର ପୋଷୁଛି ତ କିଏ ଦାନ୍ତିକିଲି, ବଡ଼ି ତିଆରି କରି କଷ୍ଟରେ ଚଳୁଛନ୍ତି । ବିନୋଦିନି ନାୟକ ନାମକ ଜଣେ ମହିଳା ଭଳି ଅନେକ ବୟସ୍କ ଲୋକ ତ ରୋଗରେ ପଡ଼ି ଜୀବନ ସହ ସଂଘର୍ଷ କରୁଛନ୍ତି । ସୂତାକଳରୁ ଛଟେଇ କର୍ମଚାରୀ ପଞ୍ଚୁ ସେଠୀ ରୋଗୀଣା ସ୍ତ୍ରୀଙ୍କ ଔଷଧ ଖର୍ଚ୍ଚ ଉଠାଇବା ପାଇଁ ଗନ୍ଥା ବୁଣିବା ସହ ବିଭିନ୍ନ ସାମଗ୍ରୀ ସଂଗ୍ରହ କରି ବିକ୍ରି କରୁଛନ୍ତି । ପରିବାର ଚଳାଇବାକୁ ଗନ୍ଥା ସିଲେଇରେ ପଞ୍ଚୁଙ୍କୁ ସହଯୋଗ କରୁଛନ୍ତି ତାଙ୍କ ସ୍ତ୍ରୀ ପ୍ରଭାସିନୀ ସେଠୀ । ସେମିତି ଛଟେଇ କର୍ମଚାରୀ ସୁପ୍ରଭା ତ୍ରିପାଠୀ ଦାନ୍ତିକିଲି, ସୁପୁଲୁ, ବଡ଼ି ଓ ପାମ୍ପଡ଼ ତିଆରି କରି କାଳ କାଟୁଛନ୍ତି । ତଥାପି ସେମାନେ ସୂତାକଳ ଚାଲିବ ବୋଲି କ୍ୱାର୍ଟରକୁ ଛାଡ଼ି ଯାଇନାହାନ୍ତି । ଆହୁରି ଅନେକ ଲୋକ ସ୍ଥାନ ଛାଡ଼ି ଅନ୍ୟତ୍ର ଚାଲିଗଲେଣି । ବାହାର ରାଜ୍ୟରୁ ଯାଇ ଦାଦନ ଖଟୁଛନ୍ତି । କୋଟି କୋଟି ଟଙ୍କାରେ ନିର୍ମିତ କୋଠାବାଡ଼ି ଧୀରେ ଧୀରେ ମାଟିରେ ମିଶିଲାଣି । ମିଲ୍ ଯନ୍ତ୍ରାଂଶ ସବୁ ନଷ୍ଟ ହେବାକୁ ବସିଲାଣି । କେତେକ ଲୋକ ସୂତାକଳର ଜମି ମଧ୍ୟ ଜବରଦଖଲ କରିଲେଣି । କେବଳ କାରଖାନା ରକ୍ଷଣାବେକ୍ଷଣ ପାଇଁ ୬ଜଣ ସୁରକ୍ଷା କର୍ମୀ ଓ ଜଣେ ସିକ୍ୟୁରିଟି ଅଫିସର ସତୀଶ୍ ଚନ୍ଦ୍ର ନାୟକ ଏବେବି ନିୟୋଜିତ ଅଛନ୍ତି । ଏଠିକାର କୁଶଳୀ ଶ୍ରମିକ ଅନ୍ୟ ରାଜ୍ୟକୁ ଯାଇ ସୂତାକଳରେ କାମ କରୁଛନ୍ତି । ଆସିକା ସୂତାକଳ ପୁନରୁଦ୍ଧାର ହେଲେ ସ୍ଥାନୀୟଲୋକେ କର୍ମ ନିଯୁକ୍ତି ପାଇପାରନ୍ତେ ।

# ପରିଚାଳନାଗତ ବିଭ୍ରାଟରୁ ମୂଳ ଲକ୍ଷ୍ୟରୁ ଦୂରେଇ ଯାଉଛି ଏକାମ୍ରହାଟ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପକୁ ପ୍ରୋତ୍ସାହନ ତଥା ଶିଳ୍ପୀମାନଙ୍କୁ ବିକ୍ରୟ ଓ ପ୍ରଦର୍ଶନ ପାଇଁ ଏକ ସ୍ଥାୟୀ ହାଟ ଯୋଗାଇ ଦେବା ଲକ୍ଷ୍ୟରେ ୨୦୦୨ ମସିହାରୁ ଆରମ୍ଭ ହୋଇଥିଲା ଏକାମ୍ର ହାଟ । ହେଲେ ପରିଚାଳନାଗତ ବିଭ୍ରାଟ ଓ ଉଦ୍ୟମର ଅଭାବ କାରଣରୁ ହାଟଟି ଏବେ ମୂଳ ଲକ୍ଷ୍ୟ ଠାରୁ ଦୂରେଇ ଯାଉଛି । ଏହାର ପୁନରୁଦ୍ଧାର ପାଇଁ ସାମାଜିକ ଅନୁଷ୍ଠାନ ଆମ ସ୍ୱର ପକ୍ଷରୁ ଦାବି ହୋଇଛି । ଇଡ୍‌କୋ ଏକାମ୍ର ହାଟକୁ ନିର୍ମାଣ କରିବା ସହ ପରିଚାଳନା ଦାୟିତ୍ୱ ବୁଝୁଥିଲା । ମାତ୍ର ୨୦୨୦ ମସିହାରେ ଏହାର ନବୀକରଣ ପାଇଁ ସରକାରୀ ଅନୁଦାନ ଆସିବା ପରେ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ବିଭାଗ ଏକାମ୍ର ହାଟକୁ ନିଜ ହାତକୁ ନେଲା । ପୂର୍ବରୁ ଏଠାରେ ଥିବା ଶିଳ୍ପୀ ଓ କାରିଗରଙ୍କୁ ବିଦା କରାଗଲା । ନବୀକରଣ ପରେ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଲା । କୌଣସି କାରିଗରଙ୍କୁ ଷ୍ଟଲ୍ ଆବଣ୍ଟନ ନକରି ବିଭିନ୍ନ ଘରୋଇ ଓ ସରକାରୀ ଅନୁଷ୍ଠାନକୁ ପ୍ରଦର୍ଶନୀ ପାଇଁ ଭଡ଼ାରେ ଦେଲେ । ନବୀକରଣବେଳେ ହାଟ ପରିସରରେ ଗ୍ରାମ୍ୟ ପରିବେଶ ସୃଷ୍ଟି ପ୍ରତି ଧ୍ୟାନ



ଦିଆଗଲାନାହିଁ । ମଧ୍ୟସ୍ଥଳରେ ଥିବା ଛୋଟ କୃତ୍ରିମ ପୁଷ୍କରିଣୀକୁ ଆଧୁନିକ ଫାଉଣ୍ଟେନରେ ପରିଣତ କଲେ, ଯାହାକି ଏବେ ଅଚଳ ହୋଇପଡ଼ିଛି । ମୁକ୍ତାକାଶ ମଞ୍ଚର ଭଡ଼ା ୨୫୦୦ରୁ ୫ହଜାର କରିଦେଲେ । ଏଠାରେ ଥିବା ୫୦ଟି ଷ୍ଟଲ୍‌ର ଭଡ଼ାରେ ମଧ୍ୟ ଅହେତୁକ ବୃଦ୍ଧି କରାଗଲା । ଭୋଜନାଳୟ ପାଇଁ ଥିବା ଷ୍ଟଲ୍‌ଗୁଡ଼ିକର ବାର୍ଷିକ ନିଲାମ ଡାକିବା ସହ ମୂଲ୍ୟ ବୃଦ୍ଧି କରାଗଲା । ଧୀରେ ଧୀରେ ଭୋଜନାଳୟଗୁଡ଼ିକ ଖାଲି ପଡ଼ିବା ଫଳରେ ଜନସମାଗମ ହ୍ରାସ ପାଇଲା । ମୁକ୍ତାକାଶ ମଞ୍ଚର ଭଡା ବଢ଼ିବା ଯୋଗୁ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହେଲାନାହିଁ । ଏହି ସମୟରେ ପ୍ରାକୃତିକ ପରିବେଶକୁ ଧ୍ୱଂସ କରି ବିଭିନ୍ନ ଅଟ୍ଟାଳିକା ତିଆରି କରାଗଲା । ଏବେ ସେଠାରେ ଏକ ବହୁତଳ ସପିଙ୍ଗ ମଲ୍ ନିର୍ମାଣ ପାଇଁ ଯୋଜନା ହେଉଥିବା ଶୁଣିବାକୁ ମିଳୁଛି । ସମ୍ଭାବନା ଦ୍ୱାରା ୨୦୦୬ରୁ ଏକାମ୍ର ହାଟରେ ଓଡ଼ିଆ ଅସ୍ମିତା, ପରମ୍ପରା ଓ ସଂସ୍କୃତିକୁ ନେଇ ହେଉଥିବା ଓଡ଼ିଆ ମହୋତ୍ସବ ଓ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଆୟୋଜନ କରାଯାଉଛି । କିନ୍ତୁ ଚଳିତ ଥର ନିର୍ବାଚନ ଆଚରଣ ବିଧି ନାମରେ ଶେଷ ମୁହୂର୍ତ୍ତରେ ମନା କରିଦିଆଗଲା । ନୂଆ ସରକାର ଏକାମ୍ର ହାଟର ଏହି ଅବ୍ୟବସ୍ଥାକୁ ଗୁରୁତ୍ୱର ସହ ନିଅନ୍ତୁ । ଅବ୍ୟବସ୍ଥା ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ହାଟର ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବାକୁ ଅନୁଷ୍ଠାନର ଦେବ ପ୍ରସାଦ ପରିଜା, ଦେବାଶିଷ ମିଶ୍ର, ଦେବସ୍ମିତା ମହାନ୍ତି ଓ ମଧୁଲିତା ପରିଡ଼ା ଦାବି କରିଛନ୍ତି ।

# ଆଜିର ଭଲମନ୍ଦ






ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)

ମୋବାଇଲ-୯୩୩୭୬୯୩୦୨୨

csnastrology@gmail.com

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା।୧।୮।୨୦୨୪, ଶ୍ରାବଣ ଦି୧୭ନ, ଗୁରୁବାର**

**ସୂର୍ଯ୍ୟୋଦୟ-** ଘ୫।୨୨।୩୦ **ଚନ୍ଦ୍ରୋଦୟ-** ରାଘ ୩ ।୦୩।୦୩

**ଦ୍ୱାଦଶୀ-** ଦିଘ ୩।୨୯ ପର୍ଯ୍ୟନ୍ତ । **ମୃଗଶିରା ନକ୍ଷତ୍ର -** ଦିଘ ୧୦।୨୫ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ଦିଘ ୩।୨୯ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୬ ଗତେ ଘ ୭।୦୯ ମଧ୍ୟେ, ଦିଘ ୧୦।୩୬ ଗତେ ଘ ୧।୧୦ ମଧ୍ୟେ । **ପର୍ବୋତ୍ସବ -** ଲୋକମାନ୍ୟ ତିଳକଙ୍କ ତିରୋଧାନ ଦିବସ ।



**ମେଷ:** ବ୍ୟବସାୟରେ ଲାଭବାନ୍ ହେବେ । ଦେହ ଓ ମନ ଭଲ ରହିବ । ପରୋପକାରରେ ନିୟୋଜିତ ହେବେ । ରୋଜଗାର ମଧ୍ୟମ ଧରଣର ହେବ । ଗୃହେ ସୁଖ ଶାନ୍ତି ଅବ୍ୟାହତ ରହିବ । ଦେହ ଭଲ ରହିବ ।



**ବୃଷ:** ଆଜି ଆପଣ ପରାଧୀନ ଭାବେ ଜୀବନ ଯାପନ କରିବେ । ଆୟ ଓ ବ୍ୟୟ ସମାନ ରହିବ । ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ଉପକୃତ ହେବେ । ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ ।



**ମିଥୁନ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଶୁଭ ଖବର ପାଇବେ । ରୋଜଗାରରେ ଉନ୍ନତି ହେବ । ପାରିବାରିକ ସୁଖ ଶାନ୍ତି ଲାଭ ହେବ । ମହିଳାମାନେ ସୁଖୀ ହେବେ ।



**କର୍କଟ:** ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । କର୍ମକ୍ଷେତ୍ରରେ ଚିନ୍ତିତ ରହିବେ । ବନ୍ଧୁଙ୍କ ସ୍ୱଭାବ ମନରେ ସନ୍ଦେହ ଜାତ କରିବ । ପାରିବାରିକ ଜଞ୍ଜାଳ ସୃଷ୍ଟି ହେବାର ସମ୍ଭାବନା । ମନରେ ବିରକ୍ତି ଭାବ ଜାଗ୍ରତ ହେବ ।



**ସିଂହ:** ଆଜି ଆପଣଙ୍କର ଆୟ ଯୋଗ ରହିଛି । ସମସ୍ତ କାର୍ଯ୍ୟ ଆପଣଙ୍କର ସଫଳ ହେବ । ମନ ସର୍ବଦା ପ୍ରଫୁଲ୍ଲ ରହିବ । ଦୂରଯାତ୍ରା କରି ସଫଳତା ପ୍ରାପ୍ତ ହେବ । ଗୃହରେ ଶାନ୍ତି ଅବ୍ୟାହତ ରହିବ ।



**କନ୍ୟା:** ଆଜି ଆପଣଙ୍କ ପାଇଁ ଦିନଟି ସେତେ ଭଲରେ କଟିବନାହିଁ । ଏଣୁ ସାବଧାନ ରହିବେ । ଯାନବାହାନ ପ୍ରତି ସତର୍କତା ଅବଲମ୍ବନୀୟ । ଖର୍ଚ୍ଚର ପରିମାଣ ବଢ଼ିବ । କର୍ମକ୍ଷେତ୍ରରେ ମତାନ୍ତର ଦେଖାଦେବାର ସୂଚନା ।



**ତୁଳା:** ସେବା ପୂଜାରେ ଦିନଟି କଟିବ । ଅପ୍ରିୟ ସତ କହି ବିରୋଧି ହେବେ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ଆୟର ପରିମାଣ ସ୍ଥିର ରହିବ । ଗୃହେ ଆନନ୍ଦ ଲାଭ କରିବେ । ଦେହ ଓ ମନ ଭଲ ରହିବ ।



**ବିଛା:** ଶାରୀରିକ ପୀଡ଼ା ଦେଖାଦେବ । ନୂତନ କାର୍ଯ୍ୟ ନିମନ୍ତେ ତତ୍ପର ହେବେ । ମନରେ ଚିନ୍ତା ଲାଗି ରହିବ । ଖର୍ଚ୍ଚର ପରିମାଣ ବୃଦ୍ଧି ପାଇବ । ପାରିବାରିକ ଅଶାନ୍ତି ସୃଷ୍ଟି ହେବ । ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହେବ ।



**ଧନୁ:** ବନ୍ଧୁଙ୍କ ସହିତ ସହଯୋଗ ମିଳିବ । ବ୍ୟବସାୟ ମଧ୍ୟମ ଧରଣର ହେବ । ରୋଜଗାର ଭଲ ହେବ । ମଧ୍ୟାହ୍ନେ ଟେନ୍‌ସନ୍ ଦେଖାଦେବ । ଗୃହେ ଶାନ୍ତି ଶୃଙ୍ଖଳା ରହିବ । ଉତ୍ତମ ଭୋଜନ ମିଳିବ ।



**ମକର:** କ୍ରୋଧର ପରିମାଣ ବଢ଼ିବ । କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା । ମହିଳାମାନେ ସୁଖୀ ହେବେ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଉତ୍ତମ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବ ।



**କୁମ୍ଭ:** କର୍ମକ୍ଷେତ୍ରରେ ପଦସ୍ଥ କର୍ମକର୍ତ୍ତାଙ୍କ ସହ ମତାନ୍ତର ଦେଖାଦେବ । ଦ୍ରବ୍ୟ ନଷ୍ଟ ହେବାର ଯୋଗ । ଗୃହରେ କଳହ ସୃଷ୍ଟି ହୋଇପାରେ । ପିଲାମାନଙ୍କ ପାଇଁ ଆନନ୍ଦ ଅନୁଭବ କରିବେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ ।



**ମୀନ:** ପାରିବାରିକ କଳହ ସୃଷ୍ଟି ହୋଇପାରେ । ଅନେକ କ୍ଷେତ୍ରରେ ବିଜୟୀ ହେବେ । ଠକାମିରେ ପଡ଼ିପାରନ୍ତି । ବ୍ୟବସାୟରେ ଲାଭବାନ୍ ହେବେ । ଆୟ ଠାରୁ ବ୍ୟୟର ପରିମାଣ ସମାନ ରହିବ । ବ୍ୟବସାୟ ମଧ୍ୟମ ଧରଣର ହେବ ।

# ଅଟୋ-ବୁଲେଟ୍ ଧକ୍କା:ବୃଦ୍ଧା ମୃତ, ୩ ଗୁରୁତର

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ରମ୍ଭା ଥାନା ଅନ୍ତର୍ଗତ ଖଣ୍ଡଦେଉଳି ପଞ୍ଚାୟତ ସ୍ଥିତ ବାଗଲପୁର ଗ୍ରାମର କନ୍ଧୁଣି ବେହେରା, ସ୍ୱାମୀ ଲଡୁକିଶୋର ବେହେରା ଓ ନିଜ ସମ୍ପର୍କୀୟ ସହ ମିଠା ପିଠା ଧରି ରବିବାର ଦିନ ପୂର୍ବାହ୍ନରେ ଏକ ଅଟୋରେ ଆତ୍ମୀୟ ସ୍ୱଜନଙ୍କ ଘରକୁ ବାଗଲପୁର ଠାରୁ ବିରୁଲିଗଡ଼ ଗ୍ରାମକୁ ଯାଉଥିଲେ । ତେବେ ଅଟୋ ସହ ବିପରୀତ ଦିଗରୁ ଆସୁଥିବା ଏକ ବୁଲେଟ୍ ମୋଟର ସାଇକେଲ ସହ ଧକ୍କା ହେବାରୁ ଭାରସାମ୍ୟ ହରାଇ ଅଟୋଟି ଘଟଣାସ୍ଥଳରେ ଓଲଟି ପଡ଼ିବା ଫଳରେ କନ୍ଧୁଣି ବେହେରାଙ୍କ ମୃତ୍ୟୁ ଘଟିଥିଲା ଏବଂ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଥିଲେ । ଆହତମାନଙ୍କୁ ଛତ୍ରପୁର ମେଡିକାଲକୁ ପଠାଯାଇଥିଲା ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା।୨।୮।୨୦୨୪, ଶ୍ରାବଣ ଦି୧୮ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ-** ଘ୫।୨୨।୫୧ **ଚନ୍ଦ୍ରୋଦୟ-** ରାଘ ୪ ।୦୨।୦୮

**ତ୍ରୟୋଦଶୀ-** ଦିଘ ୩।୨୭ ପର୍ଯ୍ୟନ୍ତ । **ଆର୍ଦ୍ରା ନକ୍ଷତ୍ର -** ଦିଘ ୧୦।୫୯ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ଦିଘ ୩।୨୭ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୭ ଗତେ ଘ ୬।୧୮ ମଧ୍ୟେ, ଦିଘ ୧୨।୧୮ ଗତେ ଘ ୨।୩୫ ମଧ୍ୟେ । **ପର୍ବୋତ୍ସବ -** ଶିବୋପାସ ବେଢ଼ା ପରିକ୍ରମା ।

ପ୍ରଭାତୀୟ
30 YEARS
ସମ୍ବାଦ କଳିକା

# ସେନସେକ୍ସ ଅପେକ୍ଷା ସୁନା ଦେଇଛି ଅଧିକ ଲାଭ

ଗତ କିଛିବର୍ଷ ହେଲା ଷ୍ଟକ ମାର୍କେଟ ଦ୍ରୁତବେଗରେ ଉପରକୁ ଉଠୁଛି । ଷ୍ଟକ ମାର୍କେଟରେ ଲାଭ ମିଳୁଥିବାରୁ ନିବେଶକମାନେ ଏଥିରେ ନିବେଶ କରିବାକୁ ପୂର୍ବାପେକ୍ଷା ଅଧିକ ମାତ୍ରାରେ ଆଗଭର ହୋଇଛନ୍ତି । ନିବେଶକମାନଙ୍କ ପାଇଁ ପୁଞ୍ଜି ବଜାର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଇକ୍ୱିଟି କାରବାର ବଢିବା ସହିତ ଦେଶରେ ଡିମାଟ ଆକାଉଣ୍ଟ ବହୁସଂଖ୍ୟାରେ ଖୋଲିଛି । ଏହାସତ୍ତ୍ୱେ ସୁନା ଭଳି ପାରମ୍ପରିକ ଧାତୁରେ ନିବେଶ କରୁଥିବା ନିବେଶକମାନେ ଇକ୍ୱିଟି ତୁଳନାରେ ଅଧିକ ଲାଭ ପାଇଛନ୍ତି । ନିକଟରେ ସୁନା ମୂଲ୍ୟରେ ବୃଦ୍ଧି ଯୋଗୁ ନିବେଶକମାନେ ଅଧିକ ଲାଭବାନ ହୋଇପାରିଛନ୍ତି । ରୁପା ମୂଲ୍ୟରେ ବି ବୃଦ୍ଧି ଘଟିଛି । ତେବେ ରୁପାରୁ ମିଳିଥିବା ଲାଭ ଇକ୍ୱିଟି ତୁଳନାରେ ସାମାନ୍ୟ କମ ରହିଛି । ଦେଶରେ ଚଳିତବର୍ଷ ଆରମ୍ଭରୁ ଡିସେମ୍ବର ୯ ତାରିଖ ସୁଦ୍ଧା ସୁନା ମୂଲ୍ୟରେ ୧୨.୬ ପ୍ରତିଶତ ବୃଦ୍ଧି ଘଟିଛି । ତେବେ ଏହି ସମୟ ମଧ୍ୟରେ ସେନସେକ୍ସ ୬.୭ ପ୍ରତିଶତ ବୃଦ୍ଧି ଘଟିଛି । ଇଣ୍ଡିଆ ବୁଲିଅନ ଆଣ୍ଡ ଜୁଏଲର୍ସ ଆସୋସିଏସନ (ଆଇବିଜେଏ)ର ତଥ୍ୟ ଅନୁଯାୟୀ, ଗତ ଶୁକ୍ରବାର ଦିନ ମୁମ୍ବାଇରେ ୨୪ କ୍ୟାରେଟ ଯୁକ୍ତ ୧୦ ଗ୍ରାମ ସୁନା ମୂଲ୍ୟ ୫୩୯୧୪ ଟଙ୍କା ରହିଛି । ୨୦୨୧ ଡିସେମ୍ବର ମାସ ଶେଷରେ ସୁନା ମୂଲ୍ୟ ୪୭୯୮୦ ଟଙ୍କା ରହିଥିଲା । ଅନ୍ୟପକ୍ଷରେ ୨୦୨୧ ବର୍ଷର ଶେଷ କାରବାର ଦିବସରେ ସେନସେକ୍ସ ୫୮୨୫୪ ପଏଣ୍ଟ ଥିବାବେଳେ ଗତ ଗୁରୁବାର ଏହା ୬୨୧୮୨ ପଏଣ୍ଟ ରହିଥିଲା । କେବଳ ଗତ ବର୍ଷକ ମଧ୍ୟରେ ନୁହେଁ, ୫ ବର୍ଷର ତଥ୍ୟକୁ ବିଚାରକୁ ନେଲେ ସୁନା ମୂଲ୍ୟ ଇକ୍ୱିଟି ତୁଳନାରେ ଅଧିକ ରହିଛି । ୫ ବର୍ଷ ମଧ୍ୟରେ ସୁନା ମୂଲ୍ୟ ଭାରତରେ ୭୮ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ସେନସେକ୍ସ ୭୩ ପ୍ରତିଶତ ବୃଦ୍ଧି ଘଟିଛି । ଚଳିତବର୍ଷର ତଥ୍ୟକୁ ଦେଖିଲେ ରୁପା ମୂଲ୍ୟ ଇକ୍ୱିଟି ତୁଳନାରେ ଭଲ ରହିଛି । କିନ୍ତୁ ୫ ବର୍ଷର ତଥ୍ୟକୁ ଦେଖିଲେ ଉଭୟ ସୁନା ଏବଂ ଇକ୍ୱିଟି ତୁଳନାରେ ରୁପା ମୂଲ୍ୟରେ କମ ବୃଦ୍ଧି ଘଟିଛି । ଚଳିତବର୍ଷ ଅଗଷ୍ଟରେ ରୁପା ମୂଲ୍ୟ ୫୨ ସପ୍ତାହର ସର୍ବନିମ୍ନ ସ୍ତରକୁ ଖସିଯାଇଥିଲା । ସେବେଠାରୁ ବର୍ତ୍ତମାନ ସୁଦ୍ଧା ଏହାର ମୂଲ୍ୟରେ ପାଖାପାଖି ୨୨ ପ୍ରତିଶତ ବୃଦ୍ଧି ଘଟିଛି । ତେବେ ଏହି ସମୟ ମଧ୍ୟରେ ସୁନା ମୂଲ୍ୟ ଏବଂ ସେନସେକ୍ସ ଯଥାକ୍ରମେ ୬ ପ୍ରତିଶତ ଏବଂ ୪ ପ୍ରତିଶତ ବୃଦ୍ଧି ହୋଇଛି । ନିକଟରେ ରୁପା ମୂଲ୍ୟରେ ବୃଦ୍ଧି ଯୋଗୁ ଚଳିତବର୍ଷ ଆରମ୍ଭରୁ ବର୍ତ୍ତମାନ ମଧ୍ୟରେ ଏହାର ମୂଲ୍ୟ ୭ ପ୍ରତିଶତ ବଢିଛି । କିନ୍ତୁ ୨୦୧୮ ଜାନୁଆରୀଠାରୁ ଦେଖିଲେ ଏହାର ମୂଲ୍ୟରେ ୬୯.୩ ପ୍ରତିଶତ ବୃଦ୍ଧି ଘଟିଛି, ଯାହାକି ସେନସେକ୍ସ ତୁଳନାରେ ସାମାନ୍ୟ କମ । ବିଶ୍ୱ ବଜାରରେ ମଧ୍ୟ ଏହି ଦୁଇ ମୂଲ୍ୟବାନ ଧାତୁର ପ୍ରଦର୍ଶନ ଇକ୍ୱିଟି ତୁଳନାରେ ଭଲ ରହିଛି । ଉଦାହରଣ ସ୍ୱରୂପ ଆମେରିକାରେ ଚଳିତବର୍ଷ ଆରମ୍ଭରୁ ବର୍ତ୍ତମାନ ମଧ୍ୟରେ ପ୍ରାୟ ୧ ପ୍ରତିଶତ ହ୍ରାସ ପାଇଛି । ରୁପା ମୂଲ୍ୟ ଏହି ସମୟ ମଧ୍ୟରେ ଅପରିବର୍ତ୍ତିତ ରହିଛି । ଏହି ସମୟ ମଧ୍ୟରେ ଡାଓ ଜୋନ୍ସ ଇଣ୍ଡଷ୍ଟ୍ରିଆନ ଆଭରେଜ ୭ ପ୍ରତିଶତ ତଳକୁ ଖସିଛି । ଆମେରିକାରେ ଗତ ୫ ବର୍ଷ ମଧ୍ୟରେ ଅର୍ଥାତ ୨୦୧୮ ଜାନୁଆରୀରୁ ବର୍ତ୍ତମାନ ସୁଦ୍ଧା ସୁନା ମୂଲ୍ୟ ପାଖାପାଖି ୩୪.୭ ପ୍ରତିଶତ ଏବଂ ରୁପା ମୂଲ୍ୟ ୩୪.୫ ପ୍ରତିଶତ ବୃଦ୍ଧି ଘଟିଛି । କିନ୍ତୁ ଏହି ସମୟ ମଧ୍ୟରେ ଡାଓ ଜୋନ୍ସ ଇଣ୍ଡଷ୍ଟ୍ରିଆଲ ଆଭରେଜ ୨୯.୨ ପ୍ରତିଶତ ବଢିଛି । ହିସାବରୁ ଜଣାଯାଇଛି ଯଦି ଜଣେ ୧୦୦ ଟଙ୍କାର ସୁନା ଚଳିତବର୍ଷ ଆରମ୍ଭରେ କିଣିଥାନ୍ତି ତାହେଲେ ତାହାର ମୂଲ୍ୟ ଏବେ ୧୭୮ ଟଙ୍କା ୩୦ ପଇସାରେ ପହଞ୍ଚିଛି । ସେହିଭଳି ରୁପା ମୂଲ୍ୟ ୧୭୨ ଟଙ୍କା ୯୦ ପଇସା ହୋଇଛି । କିନ୍ତୁ ସେନସେକ୍ସରେ ୧୦୦ ଟଙ୍କା ଖଟାଇଥିଲେ ଏଥିରୁ ୧୭୨ ଟଙ୍କା ୯୦ ପଇସା ମିଳିଛି । ସେହିଭଳି ଅନ୍ତର୍ଜାତୀୟ ବଜାରରେ ସୁନାରେ ଚଳିତବର୍ଷ ଆରମ୍ଭରେ ୧୦୦ ଡଲାର ନିବେଶ କରିଥିବା ବ୍ୟକ୍ତି ୧୩୪.୭୦ ଡଲାର ପାଉଥିବାବେଳେ ରୁପାରେ ୧୩୪.୫୦ ଡଲାର ପାଉଛନ୍ତି । ତେବେ ଡାଓ ଜୋନ୍ସରେ ୧୦୦ ଡଲାର ନିବେଶ କରିଥିବା ବ୍ୟକ୍ତି ୧୨୯.୨ ଡଲାର ପାଉଛନ୍ତି ।



ଇଂ ଗୁରୁପ୍ରସାଦ ସରକାର
ମୋ : ୯୪୩୭୦୩୦୪୫୩

**ଶ୍ରୀ ସତ୍ୟସାଇ ମହିମା-୨୬୯**

# ପାଗଳୀ, ପିତ୍ତକୋଷରେ ପଥରଥିବା ପୀଡିତ ଓ ହୃଦରୋଗୀ ବାଳକ ସୁସ୍ଥ ହେଲେ

ଥରେ ଗୋଟିଏ ଦୁରାତ୍ମା ଜଣେ ସ୍ତ୍ରୀ ଲୋକଙ୍କ ଶରୀରରେ ପ୍ରବେଶ କରିଥିଲା। ମହିଳା ଜଣକ ବିକଟାଳ ଦେଖାଯାଉଥିଲେ ଓ ଅନବରତ ନିଜ କେଶ ଛିଣ୍ଡାଉ ଥିଲେ ଓ ଚିତ୍କାର କରୁଥିଲେ ଏବଂ ହିଂସା ଆଚରଣ ପ୍ରଦର୍ଶନ କରୁଥିଲେ। ସେ ସମସ୍ତ ପ୍ରକାର ମଇଳା ଓ ମଳ ଭକ୍ଷଣ କରୁଥିଲେ। ବାବା ତାଙ୍କୁ ଦେଇଥିବା ଉପାୟରେ ତା ଶରୀରରୁ ସେ ଦୂରାତ୍ମାକୁ ଦୂର କରିଥିଲେ। ଏହା ପରେ ତାଙ୍କର ହିଂସ୍ର ଆଚରଣ ଓ ଅସ୍ୱାଭାବିକ ପ୍ରକୃତି ଲୋପ ପାଇଲା। ଭଦ୍ରମହିଳା ଏହାପରେ ମୃଦୁ, ନମ୍ର ଓ ମଧୁର ସ୍ୱଭାବ ପ୍ରଦର୍ଶନ କଲେ।

ବାଙ୍ଗାଲୋରର ଜଣେ ଦନ୍ତ ଚିକିତ୍ସକ ଡ.ଏମ୍ ଚନ୍ଦ୍ର ବାବାଙ୍କର ଜଣେ ପୁରୁଣା ଭକ୍ତ ଥିଲେ। ସେ ପ୍ରାୟ ୬୦ ବର୍ଷ ଧରି ବାବାଙ୍କ ସଂସ୍ପର୍ଶରେ ଆସିଥିଲେ । ତାଙ୍କ ପିତ୍ତ କୋଷରେ ପଥର ରହିଥିବାରୁ ସେ ୧୯୫୮ ମସିହାରେ ଭୀଷଣ ଯନ୍ତ୍ରଣା ଭୋଗୁଥିଲେ। ତାଙ୍କର ଚିକିତ୍ସକ ତାଙ୍କୁ କହିଲେ ଯେ, ଏହା ପାଇଁ ଅସ୍ତ୍ରୋପଚାର କରିବାକୁ ହେବ। ଡାକ୍ତର ଚନ୍ଦ୍ରଙ୍କୁ ବାବା କହିଲେ, "ତୁମେ ଡାକ୍ତର ମାନେ ସବୁଥିରେ ଛୁରୀ ଓ ଚିମୁଟା କଥା ଚିନ୍ତା କର।" ତା'ପରେ ବାବା ଶୂନ୍ୟରୁ ହାତ ବୁଲାଇ ବିଭୂତି ଆଣି ଚନ୍ଦ୍ରଙ୍କୁ ଦେଲେ ଓ ଏହାକୁ ପ୍ରତିଦିନ ପାଣିରେ ମିଶାଇ ଖାଇବାକୁ କହିଲେ। ଅଳ୍ପଦିନ ଭିତରେ ଯନ୍ତ୍ରଣା ଦୂର ହେଲା। ଅସ୍ତ୍ରୋପଚାର ଦରକାର ହେଲା ନାହିଁ। ତା'ପରେ ଦଶବର୍ଷ ଯାଏ ସେ ଆଉ ଯନ୍ତ୍ରଣା



ଅନୁଭବ କରିନଥିଲେ। ଜଣେ ଚଉଦ ବର୍ଷର ବାଳକ ଶିବ କୁମାର ହୃଦ୍‌ରୋଗରେ ପୀଡିତ ଥିଲେ। ୧୯୬୪ ମସିହା ନଭେମ୍ବର ମାସରେ ତାଙ୍କର କାକା ଡାକ୍ତର ଏମ. ଭି. ରମଣଙ୍କ ସହିତ ବମ୍ବେରେ ଥିବା ସମୟରେ ସେ ସେହି ସେରିବ୍ରୋସ୍ପାନାଲ ମେନିନ୍‌ଜାଇଟିସ୍ ରୋଗରେ ପୀଡିତ ହେଲେ। ପରେ ତାର ଦକ୍ଷିଣ ପାଖରେ ପକ୍ଷାଘାତ ପକ୍ଷାଘାତ ହେଲା। ତାଙ୍କର ଦୃଷ୍ଟି ଶକ୍ତି ଓ ବାକ୍‌ଶକ୍ତି ଲୋପ ପାଇଲା। ନଭେମ୍ବର ମାସ ୩ ତାରିଖରେ ସେ ସଂଜ୍ଞାହୀନ ହୋଇ ପଡିଲେ। ପୂର୍ବାହ୍ନ ୧୧ଟା ବାଜି ୪୫ ମିନିଟ୍‌ରେ ସାଇନୋସିସ୍ ଦେଖାଦେଲା।। ଡାକ୍ତର ମାନେ ଘୋଷଣା କଲେ ଯେ, ଅଳ୍ପ କେତେ ଘଣ୍ଟା ପରେ ଶିବ କୁମାରଙ୍କ ଜୀବନ ଚାଲିଯିବ। ମଧ୍ୟାହ୍ନରେ ଶିବକୁମାର ଯେପରି ସଂକେତ ଦ୍ୱାରା କଣ କହୁଛନ୍ତି ମନେହେଲା।। ସେଠାରେ ଥିବା କେତେଜଣ ଅର୍ଥ କଲେ ଯେ ଶିବକୁମାର ଗାଧୋଇବାକୁ ଚାହୁଁଛନ୍ତି ଏବଂ ପୁଟ୍ଟାପାର୍ତ୍ତିର ସେଦିନ ଆସିଥିବା ସେଠାର ବିଭୂତି ଆଣିଥିବା ତାଙ୍କ ସିନ୍ଧୁକ ପାଖରୁ ବିଭୂତି ଆଣି ତାଙ୍କୁ ଦେବା ପାଇଁ କହୁଛନ୍ତି। ଶିବ କୁମାରଙ୍କ ସଂକେତ ଅନୁସାରେ ତାଙ୍କୁ ଗାଧୋଇ ଦିଆଗଲା ଓ ତାଙ୍କ ଦେହରେ ପବିତ୍ର ବିଭୂତି ବୋଳି ଦିଆଗଲା। ତାପରେ ଶିବକୁମାର ଅଙ୍ଗ ଭଙ୍ଗୀଦ୍ୱାରା ତାଙ୍କୁ ସାଇବାବାଙ୍କ ଏକ ଫଟୋ ଦେବା ପାଇଁ କହିଲା। ସାଇବାବାଙ୍କ ଏକ ଫଟୋ ଆଣି ତା ସମ୍ମୁଖରେ ରଖାଗଲା, ଶିବ କୁମାର ତାଙ୍କର ପକ୍ଷାଘାତ ବାମ ଗୋଡ ଓ ବାହୁକୁ ସୁସ୍ଥ ଡାହାଣ ହାତରେ ମନ୍ଥନ କଲେ ତାପରେ ସହସା ସେ ସେଠାରୁ ଉଠି ପଡିଲେ। ଥରିଲା ପାଦରେ ଅନ୍ୟର ସାହାଯ୍ୟ ନନେଇ ଗୋଟାଏ ଜାଗାରେ ବସିପଡିଲା। ପ୍ରାୟ ଦୁଇ ଘଣ୍ଟା ଯାଏ ଏପରି ବସିବା ପରେ ସେ କାହାରି ସାହାଯ୍ୟ ନନେଇ ପୂଜା ଘରେ ପ୍ରବେଶ କଲେ। ସଙ୍ଗେ ସଙ୍ଗେ ସେ ପୁଣି ଶକ୍ତି ଫେରି ପାଇଲେ। କଥା ମଧ୍ୟ କହି ପାରିଲେ। ଏହାପରେ ସେଠାରେ ଉପସ୍ଥିତ ଥିବା ଭକ୍ତମାନଙ୍କୁ ସେ କହିଲା ଯେ ଭଗବାନ ସତ୍ୟ ସାଇବାବା ତାଙ୍କୁ ସ୍ୱପ୍ନରେ ଦେଖା ଦେଇଥିଲେ ଏବଂ ତାଙ୍କର ଜୀବନ ରକ୍ଷାହେବ ବୋଲି କହିଥିଲେ। ଶିବ କୁମାର ବାବାଙ୍କୁ ତାଙ୍କର ଦୃଷ୍ଟିଶକ୍ତି ଓ ବାକ୍‌ଶକ୍ତି ଫେରିପାଇବା ପାଇଁ ପ୍ରାର୍ଥନା କରିଥିଲେ। ବାବା ତାଙ୍କର ପ୍ରାର୍ଥନା ଶୁଣିଥିଲେ। ଅଳ୍ପଦିନ ଭିତରେ ଶିବ କୁମାର ନିଜ ସ୍କୁଲକୁ ଯିବା ପାଇଁ ସକ୍ଷମ ହେଲେ ଓ ନିୟମିତ ପଢାଶୁଣା କଲେ। (କ୍ରମଶଃ)



ଡଃ ସୀତାକାନ୍ତ ତ୍ରିପାଠୀ
ଅର୍ଣ୍ଣପାଳ, ଭଦ୍ରକ
ମୋ- ୯୭୭୮୭୬୪୩୯୪

# ମଣି-କାଞ୍ଚନ ଯୋଗ

ଏକଦା ଶ୍ରୀମନ୍ଦିରରେ ଭକ୍ତି ଆନ୍ଦୋଳନର ପୁରୋଧା ଶ୍ରୀଚୈତନ୍ୟଦେବ ମାନସ ପୂଜା କରୁଥିବା ବେଳେ ନିଜ ହାତତିଆରି ଗେଣ୍ଡୁଫୁଲମାଳ ଜଗନ୍ନାଥଙ୍କୁ ଲାଗି କଲାବେଳେ ତାହା ମହାପ୍ରଭୁଙ୍କ ମସ୍ତକରେ ଯାଉ ନଥାଏ । ଏହା ଭାବି ଭାବି ଚୈତନ୍ୟଦେବ ବ୍ୟସ୍ତ ବିବ୍ରତ ହେଉଥିବା ବେଳେ ତାଙ୍କ ପଛରୁ ଭକ୍ତ ଜଗନ୍ନାଥ ଦାସ ଆସି ପିଠିରେ ହାତମାରି ଦେଇ କହିଲେ ଆପଣ ଫୁଲମାଳକୁ ଖୋଲିଦେଇ ମହାପ୍ରଭୁଙ୍କ ଶ୍ରୀହସ୍ତରେ ଦେଇ ଦିଅନ୍ତୁ ଏହା ଆରାମରେ ଶ୍ରୀ ଅଙ୍ଗଲାଗି ହୋଇଯିବ । ଏହା ଶୁଣି ଚୈତନ୍ୟଦେବ ଆଶ୍ଚର୍ଯ୍ୟ ହୋଇଗଲେ । ସିଏ ତ ମାନସ ପୂଜା କରୁଥିଲେ ତାଙ୍କ ମନର କଥା ଜଗନ୍ନାଥ ଦାସ କେମିତି ଜାଣିଲେ ? ତେଣୁ ସିଏ ଜଗନ୍ନାଥ ଦାସଙ୍କୁ ବଙ୍ଗଳା ଭାଷାରେ 'ଅତିବଡି' ଯାହା ଓଡିଆରେ ଅତିବଡ ଭାବେ ସମ୍ବୋଧନ କରିଥିଲେ । ପରେ ପରେ ଦୁହେଁ ଦୁହିଁଙ୍କୁ ଗୁରୁ-ଶିଷ୍ୟ ବୋଲି ମାନି ଆସିଥିଲେ ଯାହାକୁ ଆମ ଓଡିଶାର ଭକ୍ତିମାର୍ଗର ଲୋକମାନେ ମଣି କାଞ୍ଚନ ସଂଯୋଗ ବୋଲି କହିଥାଆନ୍ତି । ସଂସାରରେ ଉଭୟ ମଣି ଏବଂ କାଞ୍ଚନ ଅର୍ଥାତ୍ ସୁନା ପ୍ରତି ଅଧିକାଂଶ ଲୋକଙ୍କ ଦୁର୍ବଳତା ଥାଏ । ଏହି ଦୁହିଁଙ୍କ ମଧ୍ୟରେ ଅନ୍ୟମାନଙ୍କୁ ଆକର୍ଷଣ କରିବାର ଯାଦୁ ରହିଛି । ସେମାନଙ୍କର ମିଳନରେ ଉଭୟଙ୍କର ଉପାଦେୟତା ତଥା ମର୍ଯ୍ୟାଦା ବହୁଗୁଣିତ ହୋଇଥାଏ । ତେବେ ମଣି ପାଇଁ କାଞ୍ଚନ କିମ୍ବା କାଞ୍ଚନ ପାଇଁ ମଣିର ମର୍ଯ୍ୟାଦା ବଢ଼ିଥାଏ ସେ କଥା ବିଚାର କରି କୌଣସି ନିଷ୍କର୍ଷରେ ପହଞ୍ଚିବା ଏକ କଷ୍ଟକର ବ୍ୟାପାର । ମଣି କେବଳ ସ୍ୱସ୍ଥାନରେ ରହିଲେ ତା'ର ମର୍ଯ୍ୟାଦା କିମ୍ବା କାର୍ଯ୍ୟକାରିତା ଜଣା ପଡିନଥାଏ ଏବଂ କାଞ୍ଚନ ଦ୍ୱାରା ଏହାକୁ ବ୍ୟକ୍ତି ଧାରଣ କଲେ ଯାଇ ତାହା ବିଭିନ୍ନ ଶୁଭଫଳ ପ୍ରଦାନ କରିବା ସହିତ ଅଧିକ ଆକର୍ଷଣୀୟ ହୋଇଥାଏ । ସେହିପରି ସୁନା କେବଳ ଦାମୀ ଜିନିଷ ଭାବେ ପରିଗଣିତ ହେଉଥିବା ବେଳେ ଯଦି କୌଣସି କାରଣରୁ ଏଥିରେ ମଣିର ସଂଯୋଗ ହୁଏ ତେବେ ଏହା ଅତ୍ୟନ୍ତ ଉପକାରୀ ଏବଂ ଆବଶ୍ୟକୀୟ ଜିନିଷ ଭାବେ ପରିଗଣିତ ହେବା ସହିତ ଦୈନନ୍ଦିନ ଜୀବନରେ ଓତଃପ୍ରୋତ ଭାବେ ଜଡିତ ହୋଇଯାଏ । ସେହି ଢ଼ଙ୍ଗରେ ଆମ ସମାଜ ମଧ୍ୟରେ ଉଭୟ ମଣି ତଥା ସୁନାର ଚରିତ୍ର ଭଳି ଲୋକମାନେ ଅଛନ୍ତି । ବ୍ୟକ୍ତିଗତ ଭାବେ ସେମାନେ ଐଶ୍ୱରିକ ଏବଂ ଅନେକ ଅଦ୍ୱିତୀୟ ଗୁଣ ମାନଙ୍କର ଅଧିକାରୀ ହୋଇଥାଆନ୍ତି । ତେବେ ସେମାନଙ୍କ ମଧ୍ୟରେ ସଂଯୋଗ ବଶତଃ ସମ୍ପର୍କ ସ୍ଥାପନ କିମ୍ବା ମିଳନ ହୋଇଗଲେ ଉଭୟ ମହାପୁରୁଷ ବା ମହନୀୟ ବ୍ୟକ୍ତିତ୍ୱ ହୋଇଯାଆନ୍ତି । ନରେନ୍ଦ୍ରନାଥଙ୍କ ମନରେ ଭଗବାନଙ୍କର ସତ୍ତାକୁ ନେଇ ଯେତେବେଳେ ବାରମ୍ବାର ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହେଲା ସେତେବେଳେ ତାଙ୍କର ସଂଶୟକୁ ଦୂର କରିବା ପାଇଁ ସିଏ ବିଭିନ୍ନ ଗୁରୁମାନଙ୍କୁ ଭେଟିଥିଲେ ମଧ୍ୟ ତାଙ୍କର ସନ୍ଦେହ ମୋଚନ ହୋଇନଥିଲା । ଏଥିରେ ବ୍ୟଥିତ ତଥା ଭାରାକ୍ରାନ୍ତ ମନକୁ ନେଇ ଯେତେବେଳେ ସିଏ ଗୁରୁ ରାମକୃଷ୍ଣ ପରମହଂସଙ୍କୁ ଆପଣ ଭଗବାନଙ୍କୁ ଦେଖିଛନ୍ତି କି ବୋଲି ପଚାରିଲେ, ଉତ୍ତରରେ ଗୁରୁ ରାମକୃଷ୍ଣ କହିଥିଲେ ଆରେ ଦେଖିଛି କ'ଣ ବୋଲି ପଚାରୁଛ, ତୁମ ସହ ଯେମିତି କଥା ହେଉଛି ସେମିତି କଥା ହୋଇଛି । ତା'ପରେ ପରେ....ପ୍ରଶ୍ନକାରୀ ନରେନ୍ଦ୍ରନାଥ ବନିଗଲେ ବିବେକାନନ୍ଦ, ଆଉ ରାମକୃଷ୍ଣଙ୍କର ଦିବ୍ୟବାଣୀ ସହିତ ମୃତ୍ୟୁ ପର୍ଯ୍ୟନ୍ତ ହିନ୍ଦୁଧର୍ମର ଅନେକ ସାରଗର୍ଭକ ବାଣୀ ସାରା ବିଶ୍ୱରେ ବାଣ୍ଟିବା ପାଇଁ ପ୍ରୟାସ କରି ଚାଲିଥିଲେ । ଏହାକୁ ଲୋକମାନେ କୁହନ୍ତି 'ମଣି କାଞ୍ଚନ' ସଂଯୋଗର ଫଳ । ସେହିଭଳି ଐତିହାସିକମାନଙ୍କ ମତରେ ନନ୍ଦ ବଂଶୀୟ ରାଜାଙ୍କ ଦ୍ୱାରା ଭର୍ତ୍ସିତ ହୋଇ ଚାଣକ୍ୟ ଯେତେବେଳେ ଫେରୁଥିଲେ ସଂଯୋଗବଶତଃ ତାଙ୍କର ଚନ୍ଦ୍ରଗୁପ୍ତଙ୍କ ସହିତ ଦେଖା ହୋଇଥିଲା । ଚନ୍ଦ୍ରଗୁପ୍ତଙ୍କ ମଧ୍ୟରେ ଥିବା ରାଜକୀୟ ଗୁଣକୁ ଚିହ୍ନିପାରି ଚାଣକ୍ୟ ତାଙ୍କୁ ଶେଷରେ ରାଜପଦରେ ଅଭିଷିକ୍ତ କରାଇବାରେ ପ୍ରମୁଖ ଭୂମିକା ନିଭାଇଥିଲେ । ଏହା ମଣି-କାଞ୍ଚନ ସଂଯୋଗର ଅନନ୍ୟ ଉଦାହରଣ ଏବଂ ଯାହା ବ୍ୟକ୍ତି ଦ୍ୱାରା ଅସମ୍ଭବ ତାହା ସମଷ୍ଟି ଦ୍ୱାରା ସମ୍ଭବ ବୋଲି ପ୍ରମାଣିତ କରିଥିଲା । ସେହିଭଳି ଭାବେ ଭାରତର ସ୍ୱାଧୀନତା ସଂଗ୍ରାମରେ ଗୋପାଳକୃଷ୍ଣ ଗୋଖଲେ ଏବଂ ମହାତ୍ମାଗାନ୍ଧୀଙ୍କ ସମ୍ପର୍କକୁ ଅନେକ ଗୁରୁ-ଶିଷ୍ୟ ସହିତ ତୁଳନା କରୁଥିଲେ ମଧ୍ୟ ଏହା ମଧ୍ୟ ମଣି-କାଞ୍ଚନ ସଂଯୋଗର ଏକ ଅନନ୍ୟ ଉଦାହରଣ । ପାରିବାରିକ ଜୀବନରେ ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କକୁ ମଧ୍ୟ ଅନେକ ସମୟରେ ମଣି-କାଞ୍ଚନର ସଂଯୋଗ ସହିତ ତୁଳନା କରାଯାଇଥାଏ । ଜୋତି ବାଇ ଫୁଲେ ଯେତେବେଳେ ଦଳିତ ମାନଙ୍କର ଅଧିକାର ପାଇଁ ଲଢ଼େଇ କରୁଥିଲେ ତାଙ୍କ ସହିତ ସ୍ତ୍ରୀ ସାବିତ୍ରୀ ବାଇ ଫୁଲେ ଯୋଗଦେଇ ସ୍ୱାମୀଙ୍କର ଲଢ଼େଇକୁ ଆହୁରି ଅଧିକ ଶାଣିତ କରାଇ ପାରିଥିଲେ । ଓଡିଶାର ବିଶିଷ୍ଟ ନୃତ୍ୟଶିଳ୍ପୀ ସଂଯୁକ୍ତା ପାଣିଗ୍ରାହୀ ଏବଂ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ରଘୁନାଥ ପାଣିଗ୍ରାହୀଙ୍କର ସମ୍ପର୍କ ମଧ୍ୟ ସେହି ଦୃଷ୍ଟିରୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ତେବେ ଉଭୟ ମଣି ଓ କାଞ୍ଚନ ଯଦି ନିଜନିଜକୁ ବଡ ମନେକରି ସେମାନଙ୍କର ସ୍ୱତନ୍ତ୍ରତା ପ୍ରତିପାଦନ କରିବା ପାଇଁ ଚେଷ୍ଟା କରନ୍ତି ତାହା ଭଲ ହୋଇପାରେ କିନ୍ତୁ ପ୍ରତିଯୋଗୀ କିମ୍ବା ପ୍ରତିଦ୍ୱନ୍ଦ୍ୱୀ ମନେକରି ଲଢ଼େଇରେ ମଜ୍ଜି ରହିଲେ ତାହା ଉଭୟ ବ୍ୟକ୍ତିଗତ ତଥା ସାମାଜିକ ଉନ୍ନତିରେ ପ୍ରତିବନ୍ଧକ ସୃଷ୍ଟି କରିବାର ସମ୍ଭାବନା ରହିଛି ।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

# ନାହିଁ ମାମୁଁ ଠାରୁ କଣା ମାମୁଁ ଭଲ

ଏଥିରେ କେହି ଦ୍ୱିମତ ହେବେ ନାହିଁ ଯେ, ଆମ ଦେଶରେ ନିର୍ବାଚନ ପୂର୍ବରୁ ଭୋଟଦାତାଙ୍କୁ ଆକୃଷ୍ଟ କରିବାପାଇଁ କ୍ଷମତାରେ ସରକାର ଏବଂ ବିରୋଧି ଦଳଗୁଡିକ ବହୁ ଲୋଭନୀୟ ତଥା ଆକର୍ଷଣୀୟ ଜନହିତକର ଯୋଜନା, କାର୍ଯ୍ୟକ୍ରମମାନ ଘୋଷଣା କରିଥାନ୍ତି। ବିଶେଷ କରି ମହିଳା ଓ ଯୁବଗୋଷ୍ଠୀଙ୍କ ପାଇଁ। ଏବେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଆଉ କିଛି ମାସ ବାକି ଥିବାବେଳେ ରାଜ୍ୟରେ କ୍ଷମତାସୀନ ଏକନାଥ ସିନ୍ଧେ ରାଜ୍ୟବାସୀଙ୍କ ପାଇଁ କେତେକ ଲୋଭନୀୟ ଯୋଜନା ଘୋଷଣା କରିଛନ୍ତି, ଯେଉଁଥିରେ ଶିକ୍ଷିତ ବେକାରଙ୍କୁ ବେକାରୀ ଭତା, ସହାୟତା ରାଶି ଘୋଷଣା କରିଛନ୍ତି। ଯାହାକୁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇପାରେ। ନିକଟରେ ମୁଖ୍ୟମନ୍ତ୍ରୀ ସିନ୍ଧେ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ରାଜ୍ୟର ୨୧ବର୍ଷରୁ ୩୫ବର୍ଷ ବୟସ ମଧ୍ୟରେ ଦ୍ୱାଦଶ କିମ୍ବା ତଦୁର୍ଦ୍ଧ ପାଶ କରିଥିବା ବେକାର ଯୁବକ-ଯୁବତୀଙ୍କ ପାଇଁ ମାସିକ ୬ହଜାରରୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ମାସିକ ବେକାରୀ ଭତା ଘୋଷଣା କରିଛନ୍ତି। ସେହିପରି ବିବାହିତ ମହିଳା ଯେଉଁମାନଙ୍କର ବୟସ ୨୧ବର୍ଷରୁ ୬୫ବର୍ଷ ମଧ୍ୟରେ ହୋଇଥିବ, ସେମାନଙ୍କ ପାଇଁ ମାସିକ ୧୫୦୦ଟଙ୍କା ଭତା ପ୍ରଦାନ ଘୋଷଣା କରିଛନ୍ତି। ସେହିପରି ବିଧବା, ସ୍ୱାମୀ ପରିତ୍ୟକ୍ତ, ଛାଡପତ୍ର ପାଇଥିବା ମହିଳା ମଧ୍ୟ ଏହି ଭତା ପାଇବାକୁ ହକଦାର ହେବେ। ତେବେ ପ୍ରତ୍ୟେକ ପରିବାରକୁ ଜଣେ ଲେଖାଏଁ ମହିଳାଙ୍କୁ ଏହି ଭତା ଦିଆଯିବ। ଏ ବାବଦରେ ବାର୍ଷିକ ୪୬ହଜାର କୋଟି ଟଙ୍କା ଅଧିକ ବ୍ୟୟ ହେବ। ସେହିପରି ବେକାର ଯୁବକ-ଯୁବତୀଙ୍କୁ ବେକାରୀ ଭତା ବାବଦରେ ବାର୍ଷିକ ୧୦ହଜାର କୋଟି ଟଙ୍କାର ଆର୍ଥିକ ବୋଝ ରାଜ୍ୟ ରାଜକୋଷ ଉପରେ ପଡିବା ନେଇ ଆକଳନ କରାଯାଇଛି। ତେବେ ସବୁଠାରୁ କୌତୁହଳ ପୂର୍ଣ୍ଣ ପ୍ରସଙ୍ଗ ଏହା ଯେ, ମାତ୍ର ସପ୍ତାହକ ତଳେ ମୁଖ୍ୟମନ୍ତ୍ରୀ ଏହି ଯୋଜନା ସମ୍ପର୍କରେ ଘୋଷଣା କରିଥିବାବେଳେ ବର୍ତ୍ତମାନ ସୁଦ୍ଧା ୪୪ଲକ୍ଷରୁ ଅଧିକ ଆବେଦନ ପଡିଥିବାବେଳେ ଆସନ୍ତା ଅଗଷ୍ଟ ୩୧ତାରିଖ ସୁଦ୍ଧା ଆବେଦନ କାରୀଙ୍କ ସଂଖ୍ୟା ୧୦କୋଟି ଛୁଇଁପାରେ ବୋଲି ସରକାର ଆକଳନ କରିଛନ୍ତି। ଏହା ନିସନ୍ଦେହ ଯେ, ଗତ ଅଷ୍ଟାଦଶ ଲୋକସଭା ନିର୍ବାଚନରେ ବେକାରୀ ସମସ୍ୟା ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ ଥିଲା ଆସନ୍ତା ବିଧାନସଭା ନିର୍ବାଚନରେ ମଧ୍ୟ ଏହା ମୁଖ୍ୟ ପ୍ରସଙ୍ଗ ହେବା ସମ୍ଭାବନା ଅଧିକ ରହିଛି। ଏହି ପ୍ରସଙ୍ଗକୁ ନେଇ ଲୋକସଭା ନିର୍ବାଚନରେ ଶାସକ ମେଣ୍ଟ ଘୋର ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବାବେଳେ ବିରୋଧି ମେଣ୍ଟ ବାଜିମାତ କରିଥିଲା। କହିବା ବାହୁଲ୍ୟ ଯେ, ଦେଶରେ ବେକାରୀ, ବେରୋଜଗାରୀ ସମସ୍ୟା ଏବେ ଉତ୍କଟ ଆକାର ଧାରଣ କରିଛି। ଗୋଟିଏ ପଦବୀ ପାଇଁ ଶହ ଶହ ଆବେଦନ ପଡୁଛି ଉଦାହରଣ ସ୍ୱରୁପ ନିକଟରେ ରେଳବାଇର ମାତ୍ର ୧୬୦୦ ତଳିଆ ଶ୍ରେଣୀ ପଦବୀ ପାଇଁ ଆଶାୟୀଙ୍କ ସଂଖ୍ୟା ଏତେ ଥିଲା ଯେ ଦଳାଚକଟା ପରି ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିପରି ୨୦୧୮ରେ ରେଳବାଇରେ ୨୬,୫୦୨ ଲୋକୋପାଇଲଟ ଏବଂ ଟେକ୍ନେସିଆନ ପଦବୀ ପାଇଁ ୪୮ ଲକ୍ଷ ଆଶାୟୀ ଆବେଦନ କରିଥିଲେ, ଯେଉଁମାନଙ୍କ ମଧ୍ୟରେ ବହୁ ଉଚ୍ଚ ଡିଗ୍ରୀଧାରୀ ଥିଲେ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ନିକଟରେ କର୍ଣ୍ଣାଟକ ସରକାର ବିଭିନ୍ନ ବେସରକାରୀ ସଂସ୍ଥାରେ ସ୍ଥାନୀୟ ଯୁବକ ଯୁବତୀଙ୍କ ପାଇଁ ୭୫ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ଏକ ବିଲ ବିଧାନସଭାରେ ଗୃହୀତ ହୋଇଥିଲେ। ଏହା ସତ୍ୟ ଯେ, ଦେଶର ଆଇଟି ରାଜ୍ୟ ଭାବେ କର୍ଣ୍ଣାଟକ ପରିଚିତ ଥିବାବେଳେ ସେଠାରେ ଯୁବ ଗୋଷ୍ଠୀ ମଧ୍ୟରେ ବିଶେଷ କରି ୧୫ରୁ ୨୯ବର୍ଷ ମଧ୍ୟରେ ବେକାରୀ ହାର ଏବେ ୧୭.୨ ପ୍ରତିଶତ ଥିବା ଜଣାଯାଇଛି। ଯାହାକି ଏକ ଦଶନ୍ଧି ପୂର୍ବରୁ ୧୧.୮ ପ୍ରତିଶତ ଥିଲା। ଅନ୍ୟପକ୍ଷରେ ଦେଶରେ ଏବେ ଅର୍ଦ୍ଧାଧିକ ଲୋକ କେନ୍ଦ୍ର ସରକାରଙ୍କ ମାଗଣା ଚାଉଳ ଯୋଜନାରେ ଉପକୃତ ହେଉଥିଲାବେଳେ ମହାତ୍ମାଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ମନେରଗାରେ ୨୦୧୯-୨୦ ଆର୍ଥୀକ ବର୍ଷରେ ୨୬୫.୩କୋଟି ମାନବ ଦିବସ ସୃଷ୍ଟି ହୋଇଥିବା ସମୟରେ ୨୦୨୩-୨୪ରେ ଏହା ୩୦୫କୋଟି ମାନବ ଦିବସକୁ ବୃଦ୍ଧି ପାଇଛି। ଏଥିରୁ ଗ୍ରାମାଚଂଳରେ ବେକାରୀ ହାର ବୃଦ୍ଧି ବେଶ ବୁଝାପଡେ । ଏହା ନିସନ୍ଦେହ ଯେ, ବିଭିନ୍ନ ରାଜ୍ୟ ସରକାରଙ୍କ ବେକାରୀ ଭତ୍ତା ନିଯୁକ୍ତି ଆଶାୟୀ ଶିକ୍ଷିତ ଯୁବକ ନିଯୁକ୍ତି ଆଶାୟୀଙ୍କ ପାଇଁ ବେକାରୀ ଭତ୍ତା ନାହିଁ ମାମୁଁ ଠାରୁ କଣାମାମୁଁ ସଦୃଶ ହୋଇଛି ବୋଲି କୁହାଯାଇପାରେ। ମହାରାଷ୍ଟ୍ର ସରକାରଙ୍କ ବେକାରୀ ଭତ୍ତା ପ୍ରଦାନ ନିଷ୍ପତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, ଏହା ନିସନ୍ଦେହ।



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

# ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ ଓ ତା'ର ମୁକାବିଲା

ପ୍ରାକୃତିକ ବିପର୍ଯ୍ୟୟର ଚିରସହଚର ସାଜିଛି ଆମ ରାଜ୍ୟ। ବିଶେଷ କରି ବାତ୍ୟା ଓ ବନ୍ୟାର ଉପତ୍ୟକା ପାଲଟିଛି ଓଡିଶା । ଏବେ ସପ୍ତାହ ଧରି ଲଘୁଚାପ ଜନିତ ବର୍ଷା ଯୋଗୁଁ ବନ୍ୟା ବିପତ୍ତି ଆରମ୍ଭ ହୋଇଛି। ଫଳସ୍ୱରୂପ ୪୨୫ଟି ଗାଁ ଜଳବନ୍ଦିରେ ଥିଲା ବେଳେ ୧୨ଟି ଜିଲ୍ଲା ଗୁରୁତର ଭାବେ ପ୍ରଭାବିତ ହୋଇଚି। ପାଣିପାଗ ବିଭାଗ ସୂଚନା ଅନୁସାରେ ଏବେବି ବିପଦ ଟଳିନାହିଁ। ଆସନ୍ତା ଦୁଇ ତିନି ଦିନ ଭିତରେ ବର୍ଷା ନକମିଲେ ଏକ ବଡଧରଣର ବନ୍ୟାକୁ ଏଡାଇ ଦିଆଯାଇ ନପାରେ । ସରକାର ଓ ପ୍ରଶାସନିକ କଳ ସଜାଗ ରହିଛନ୍ତି। ଏକ ତଥ୍ୟ ମୁତାବକ ୧୯୫୫ ମସିହା ଠାରୁ ଓଡିଶାରେ ବିଭିନ୍ନ ସମୟରେ ବନ୍ୟା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଧନଜୀବନ ମଧ୍ୟ ହାନି ହୋଇଛି। ଆମ ରାଜ୍ୟରେ ସଂଗଠିତ ବନ୍ୟା ୧୯୫୫, ୧୯୭୦, ୧୯୭୯, ୧୯୮୨, ୨୦୧୧, ୨୦୧୯ର କ୍ଷୟକ୍ଷତି ଓ ଦୟନୀୟ ଅବସ୍ଥା ଆମେ ସମସ୍ତେ ଅଙ୍ଗେ ନିଭେଇଛୁ। ସେହିପରି ୧୮୯୧ରୁ ୧୯୦୦ ମସିହା ମଧ୍ୟରେ ୨୦ଟି ବାତ୍ୟା ସୃଷ୍ଟି ହୋଇଥିବା ବେଳେ ପରବର୍ତ୍ତୀ ଦଶନ୍ଧିରେ ଏହି ବାତ୍ୟା ସଂଖ୍ୟା ୯ ଥିଲା। ୧୯୧୧ରୁ ୧୯୨୦ ମଧ୍ୟରେ ୧୨ଟି, ୧୯୪୧ରୁ ୧୯୫୦ ମଧ୍ୟରେ ୧୦ଟି ବାତ୍ୟ ସାମ୍ନା କରିଛି ଓଡିଶା। ଏ ପ୍ରସଙ୍ଗରେ ସାମୁଦ୍ରିକ ବିଜ୍ଞାନୀ ପ୍ରଫେସର ପ୍ରତାପ କୁମାର ମହାନ୍ତି କହିଛନ୍ତି ଯେ, ୧୯୯୯ ମହାବାତ୍ୟା ପରେ ୧୦ ବର୍ଷ ଧରି ରାଜ୍ୟ ଆଦୌ ବାତ୍ୟା ସାମ୍ନା କରିନଥିଲା। ଅଥଚ ୨୦୧୧ରୁ ୨୦୨୦ ମଧ୍ୟରେ ୩ଟି ବଡ ବାତ୍ୟା ସହ ୭ଟି ବାତ୍ୟା ଓଡିଶା ଉପକୂଳ ଦେଇ ଯାଇଛି। ନିକଟରେ 'ୟସ'କୁ ମିଶାଇଲେ ଏହି ସଂଖ୍ୟା ୪ ହେବ। ଆଉ ଏକ ରିପୋର୍ଟରୁ ଜଣାପଡିଛି ଭାରତବର୍ଷର ୯୬ଟି ଜିଲ୍ଲା ବାତ୍ୟା ପ୍ରବଣ। ତନ୍ମଧ୍ୟରୁ ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକଓ ଆନ୍ଧ୍ରର ମଛଳିପଟନ ଆଦି ବାତ୍ୟା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ବୋଲି କୁହାଯଉଛି। ଗବେଷଣାରୁ ଜଣାପଡିଛି ମୌସୁମୀ ପରବର୍ତ୍ତୀ ସମୟରେ ଅଧିକ ବାତ୍ୟା ଆସୁଛି। ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଯଦିଓ ରାଜ୍ୟ ସରକାର ଅନେକାଂଶରେ ସକ୍ଷମ ହୋଇଛନ୍ତି ତଥାପି ଏହାର ପ୍ରଭାବ ଅଧିକ ଘାତକ ହେଉଛି।

ଏକ ତଥ୍ୟ ମୁତାବକ ୧୮୯୧ରୁ ୧୯୦୦ ମସିହା ମଧ୍ୟରେ ୨୦ଟି ବାତ୍ୟା ସୃଷ୍ଟି ହୋଇଥିବା ବେଳେ ପରବର୍ତ୍ତୀ ଦଶନ୍ଧିରେ ଏହି ବାତ୍ୟା ସଂଖ୍ୟା ୯ ଥିଲା। ୧୯୧୧ରୁ ୧୯୨୦ ମଧ୍ୟରେ ୧୨ଟି, ୧୯୪୧ରୁ ୧୯୫୦ ମଧ୍ୟରେ ୧୦ଟି ବାତ୍ୟ ସାମ୍ନା କରିଛି ଓଡିଶା। ଏ ପ୍ରସଙ୍ଗରେ ସାମୁଦ୍ରିକ ବିଜ୍ଞାନୀ ପ୍ରଫେସର ପ୍ରତାପ କୁମାର ମହାନ୍ତି କହିଛନ୍ତି ଯେ, ୧୯୯୯ ମହାବାତ୍ୟା ପରେ ୧୦ ବର୍ଷ ଧରି ରାଜ୍ୟ ଆଦୌ ବାତ୍ୟା ସାମ୍ନା କରିନଥିଲା। ଅଥଚ ୨୦୧୧ରୁ ୨୦୨୦ ମଧ୍ୟରେ ୩ଟି ବଡ ବାତ୍ୟା ସହ ୭ଟି ବାତ୍ୟା ଓଡିଶା ଉପକୂଳ ଦେଇ ଯାଇଛି। ନିକଟରେ 'ୟସ'କୁ ମିଶାଇଲେ ଏହି ସଂଖ୍ୟା ୪ ହେବ। ଆଉ ଏକ ରିପୋର୍ଟରୁ ଜଣାପଡିଛି ଭାରତବର୍ଷର ୯୬ଟି ଜିଲ୍ଲା ବାତ୍ୟା ପ୍ରବଣ। ତନ୍ମଧ୍ୟରୁ ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକଓ ଆନ୍ଧ୍ରର ମଛଳିପଟନ ଆଦି ବାତ୍ୟା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ବୋଲି କୁହାଯଉଛି। ଗବେଷଣାରୁ ଜଣାପଡିଛି ମୌସୁମୀ ପରବର୍ତ୍ତୀ ସମୟରେ ଅଧିକ ବାତ୍ୟା ଆସୁଛି।ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଯଦିଓ ରାଜ୍ୟ ସରକାର ଅନେକାଂଶରେ ସକ୍ଷମ ହୋଇଛନ୍ତି ତଥାପି ଏହାର ପ୍ରଭାବ ଅଧିକ ଘାତକ ହେଉଛି।

ଭାରତ ଇତିହାସରେ ସବୁଠାରୁ ପ୍ରଳୟଙ୍କରୀ ବାତ୍ୟା ଆସିଥିଲା ୧୯୯୯ ମସିହାରେ । ଆଣ୍ଡାମାନ ସାଗରରେ ୨୫ ଅକ୍ଟୋବରରେ ସୃଷ୍ଟି ହୋଇ ଏହା ଧୀରେ ଧୀରେ ଶକ୍ତିଶାଳୀ ହୋଇ ମହାବାତ୍ୟା ରୂପ ନେଇଥିଲା । ଜଗତସିଂହପୁର ଜିଲ୍ଲାରେ ଅକ୍ଟୋବର ୨୯ ତାରିଖରେ ଏହା ସ୍ଥଳଭାଗ ଅତିକ୍ରମ କରିଥିଲା । ବାତ୍ୟା ସ୍ଥଳଭାଗରେ ମାଡ ସମୟରେ ଘଣ୍ଟା ପ୍ରତି ୨୬୦ କି.ମି ବେଗରେ ପବନ ବହିଥିଲା । ଫଳରେ ଜଗତସିଂହପୁର ଜିଲ୍ଲା ସମେତ ଉପକୂଳିଆ ଜିଲ୍ଲାଗୁଡିକ ଛାରଖାର ହୋଇଯାଇଥିଲା । ବାତ୍ୟା ମାଡ ହେବା ପରେ ସମୁଦ୍ରରେ ୧୫ରୁ ୨୦ ଫୁଟ ଉଚ୍ଚର ଜୁଆର ଉଠିବା ସହିତ ପ୍ରାୟ ୩୫ କି.ମି ପର୍ଯ୍ୟନ୍ତ ସମୁଦ୍ର ପାଣି ମାଡି ଆସିଥିଲା । ଏହି ବାତ୍ୟାରେ ସରକାରୀ ଭାବେ ରାଜ୍ୟରେ ପ୍ରାୟ ୧୦ ହଜାର ଲୋକ ପ୍ରାଣ ହରାଇଥିବା ବେଳେ ୧ କୋଟି ୨୫ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ । ୧୮ଲକ୍ଷରୁ ଅଧିକ ଘର ମାଟିରେ ମିଶିଥିଲା । ଅଦ୍ୟାବଧି ଏହାକୁ ଭାରତର ସବୁଠାରୁ ବଡ ବାତ୍ୟା ଭାବେ ବେବେଚନା କରାଯାଉଛି ।

ଜଳବାୟୁ ପରିବର୍ତ୍ତନ ଆମ ପାଇଁ ବିପଦକୁ ଡାକି ଆଣୁଛି। ଏନେଇ ସାମୁଦ୍ରିକ ବିଜ୍ଞାନୀମାନେ ଅଙ୍କକଷା ଆରମ୍ଭ କରିଛନ୍ତି। ଏହି ଜଳ ବାୟୁ ପରିବର୍ତ୍ତନ ପ୍ରଭାବରେ ସମୁଦ୍ର ପୂର୍ବାପେକ୍ଷା ଅଧିକ ଉତ୍ତପ୍ତ ରହୁଛି। ଫଳରେ ପ୍ରତିବର୍ଷ ହାରାହାରି ଗୋଟିଏ ବଡ ବାତ୍ୟା ରାଜ୍ୟର ମେରୁଦଣ୍ଡ ଉପରେ ପ୍ରଚଣ୍ଡ ଆଘାତ ଦେଉଛି। ସୂଚନାଯୋଗ୍ୟ ଯେ, ଗତ ୩ବର୍ଷ ମଧ୍ୟରେ ପାଖା ପାଖି ଦେଢଲକ୍ଷ ଘର ମାଟିରେ ମିଶିଛି। ୭ଲକ୍ଷ ହେକ୍ଟର ଜମିର ଫସଲ ଉଜୁଡିଛି। ୪ହଜାରରୁ ଊର୍ଦ୍ଧ୍ୱ ଗୋସମ୍ପଦ ନଷ୍ଟ ହୋଇଛନ୍ତି। ଏଥିରୁ ଜଣା ପଡୁଛି ଯେ, ଓଡିଶା ଏବେ ବାତ୍ୟା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ରାଜ୍ୟ ହୋଇପଡିଛି। ଯଦିଓ ୧୮୯୧ରୁ ୨୦୨୧ମସିହା ମଧ୍ୟରେ ବାତ୍ୟା ସଂଖ୍ୟା ଧୀରେଧୀରେ କମିବାରେ ଲାଗଛି ତଥାପି ଆସୁଥିବା ବାତ୍ୟାର ପ୍ରକୋପ ପୂର୍ବ ତୁଳନାରେ ଅଧିକ ରହୁଛି।

ଏବେ ଲଘୁଚାପ ଆସିଲେ ଲୋକଙ୍କ ମନରେ ବାତ୍ୟା ଓ ବନ୍ୟା ଭୟ ଲୋକଙ୍କୁ ଘାରୁଛି। ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଏବେ ଆମ ପାଇଁ ଚିନ୍ତାର କାରଣ ହୋଇଛି । କାରଣ ଖୋଜି ବସିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଦେଇଛି ଜଳ, ବାୟୁ, ମୃତ୍ତିକା, ଶିଳ୍ପ ଅଭିବୃଦ୍ଧି, ସଡକ ନିର୍ମାଣ, ଲୋକଙ୍କ ଚାହିଦା ମେଣ୍ଟାଇବା ପାଇଁ ବସତି ନିର୍ମାଣ ପ୍ରଭୃତି ହେତୁ ବ୍ୟାପକ ଜଙ୍ଗଲ କଟା ଚାଲିଛି । ଫଳରେ ବାୟୁମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ବୃଦ୍ଧି ପାଇ ବିଶ୍ୱ ତାପମାତ୍ରା ବଢିବାରେ ଲାଗିଛି । ଖାଲି ସେତିକି ନୁହେଁ କଳକାରକାନାରୁ ନିର୍ଗତ ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପ୍ରକ୍ରିୟା ଓ ପ୍ରତିକ୍ରିୟାରୁ ବାୟୁ, ଜଳ, ମୃତ୍ତିକା ମଧ୍ୟ ପ୍ରଦୂଷିତ ହେଉଛି । ଅଜ୍ଞାନ ବାଳକ ସିନା ଜାଣି ନଥିଲା, ହେଲେ ଏବର ବିଜ୍ଞାନୀ ପୁଅମାନେ ଭଲଭାବେ ଜାଣିଛନ୍ତି ଯେ ପ୍ରକୃତିମାତା ସୁକୁମାର ଭାବେ ଗଢା । ବୈଜ୍ଞାନିକଙ୍କ ମତରେ ତାପ ଓ ଶୀତଳତା ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ ବୃକ୍ଷରାଜି ଓ ବନାନୀ ଏକାନ୍ତ ଆବଶ୍ୟକ।

୧୯୯୯ ମସିହା ମହାବାତ୍ୟା ଠାରୁ ଆରମ୍ଭ କରି ଶକ୍ତିଶାଳୀ ଫାଇଲିନ୍ ଓ ହୁଡ୍‌ହୁଡ୍ ଭଳି ଶକ୍ତିଶାଳୀ ବାତ୍ୟା ଏବଂ ୧୯୫୮ ଠାରୁ ୨୦୦୩ ଭିତରେ ଓଡ଼ିଶାରେ ଦେଖାଦେଇଛି ୧୬ଟି ବନ୍ୟା। ଏସବୁର ମୁକାବିଲା ପାଇଁ ସବୁ ସ୍ତରରେ ବଳିଷ୍ଠ ପଦକ୍ଷେପ ନେବାର ସମୟ ଆସିଛି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ନିଶ୍ଚଳ ମନର ପ୍ରାର୍ଥନା...



ମନୋଜ କୁମାର ବେହେରା



ରୋହନ ସବୁ ଦିନେ ତା'ର ଜେଜେ ବାପାଙ୍କୁ ସନ୍ଧ୍ୟାକାଳିନ ପୂଜା କରିବା ସମୟରେ ଦେଖେ । ତା'ମନରେ ସବୁବେଳେ ଇଚ୍ଛାହୁଏ କି ସେ ମଧ୍ୟ ତା' ଜେଜେ ବାପାଙ୍କ ଭଳି ପୂଜା ଟିକିଏ କରନ୍ତା କି ? ହେଲେ ଜେଜେ ବାପାଙ୍କର ଉପସ୍ଥିତି ତାକୁ ଏହି ଅବସର ଦେଉନଥିଲା । ଦିନେ ତା' ଜେଜେମା'ଙ୍କର ଦେହ ଖରାପ ହେଲା । ତାଙ୍କର ସେବାଶୁଶ୍ରୁଷା କରିବାରେ ଟିକେ ଡେରି ହେଇଗଲା ଜେଜେଙ୍କର । ସେ ଠିକ୍ ସମୟରେ ପୂଜା କରିବା ପାଇଁ ଆସି ପାରିଲେନି ଠାକୁର ଘରକୁ । ରୋହନ ଏହି ସୁଯୋଗର ଲାଭ ଉଠେଇବାକୁ ଯାଇ ଠିକ୍ ସମୟରେ ପୂଜା ଆରମ୍ଭ କରିଦେଲା । ଯେତେବେଳେ ଜେଜେ ପୂଜା କରିବା ପାଇଁ ଠାକୁର ଘରକୁ ଆସିଲେ ସେ ଦେଖିଲେ ରୋହନ ବସି ପୂଜା କରୁଛି । ତେଣୁ ସେ କବାଟ ପାଖରେ ଲୁଚିଯାଇ ରୋହନକୁ ଦେଖିବାକୁ ଲାଗିଲେ । ସେ ଦେଖିଲେ ରୋହନ ବହୁତ ଗୁଡ଼ିଏ ଧୂପ କାଠି ଜଳେଇ ଭୋଗ ଥାଳି ସାମ୍ନାରେ ରଖି ବିଧି ପୂର୍ବକ ପୂଜା କରୁଛି । ପୂଜା ସରିଲାବେଳକୁ ରୋହନ ପ୍ରାର୍ଥନା କରି କହିଲା, ଭଗବାନ ପ୍ରଣାମ୍! ଆପଣ ମୋ' ଜେଜେଙ୍କୁ ସୁସ୍ଥ ରଖନ୍ତୁ ଆଉ ଜେଜେମା'ଙ୍କୁ ମଧ ଭଲ କରିଦିଅନ୍ତୁ । କାହିଁକିନା ତାଙ୍କୁ କିଛି ହେଇଗଲେ କିଏ ମୋତେ ଚକୋଲେଟ୍ ଆଣି ଦେବ । ଆଉ କିଏ ମୋତେ ମୋର ମନ ପସନ୍ଦର ଖାଇବା ବନେଇକରି ଦେବ ? ତା'ପରେ ସେ ଆଗକୁ କହିଲା, 'ପ୍ରଭୁ! ଆପଣ ମୋର ସବୁ ସାଙ୍ଗଙ୍କୁ ଘଷ୍ଟଘୋଡେଇ ରଖନ୍ତୁ । କାରଣ ତାଙ୍କର ଯଦି କିଛି ହେଇଯିବ ତେବେ ମୁଁ କାହା ସାଙ୍ଗରେ ଖେଳିବି' ? ହଁ.. ପ୍ରଭୁ ମୋ' ବାପା-ମା'ଙ୍କୁ ମଧ୍ୟ ସୁସ୍ଥ ରଖନ୍ତୁ । ଘରର କୁକୁର ଜିମ୍ମିକୁ ମଧ୍ୟ ସୁସ୍ଥ ରଖିବେ । କାହିଁକିନା ତାକୁ ଯଦି କିଛି ହେଇଯିବ ତେବେ ଚୋରଙ୍କ ହାବୁଡରୁ ଘରକୁ କିଏ ବଞ୍ଚେଇବ ? କିନ୍ତୁ ପ୍ରଭୁ! ଆପଣ ଯଦି କିଛି ନ ଭାବିବେ ତେବେ ଗୋଟିଏ କଥା କହୁଛି ଆପଣଙ୍କୁ । ସମସ୍ତଙ୍କର ଧ୍ୟାନ ରଖନ୍ତୁ ଆପଣଙ୍କୁ କିଛି ମନା ନାହିଁ.. ହେଲେ ସର୍ବ ପ୍ରଥମେ ଆପଣ ନିଜର ଧ୍ୟାନ ରଖିବେ । କାହିଁକିନା ଆପଣଙ୍କୁ ଯଦି କିଛି ହେଇଗଲା ତେବେ ଆମ ସମସ୍ତଙ୍କର କ'ଣ ହେବ ? ଆମର ଧ୍ୟାନ କିଏ ରଖିବ ? ନିଶ୍ଚଳ ମନର ଏହି ସହଜ ପ୍ରାର୍ଥନା ଶୁଣି ଜେଜେଙ୍କର ଆଖିରୁ ଝର ଝର ହୋଇ ଲୁହ ଝରିବାକୁ ଲାଗିଲା । କାହିଁକିନା ଏମିତି ପ୍ରାର୍ଥନା ନା' ତ ସେ ନିଜେ କେବେ କହିଥିଲେ ନା' କେଉଁଠି ଶୁଣିଥିଲେ ।

*ଫ୍ଲାଟ୍ ନମ୍ବର- ୨୧୭/ପି, ବାୟାବାବାମଠଲେନ୍, ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨*
*ଫୋନ୍-୭୯୭୮୮୩୦୬୧୧*



## କୁନି କାଉଡ଼ିଆ

*ସୁଧାକର ରାଉତ*

କୁନି କାଉଡ଼ିଆ ମୁହିଁ
ଶିରାବଣେ ଥିଲି ଚାହିଁ
ଶିବ ଲିଙ୍ଗ ପରେ ଜଳ ଢାଳିବାକୁ
ହୁଏ ମନ ହାଇଁପାଇଁ

ମୋର ମନକଥା ଜାଣି
ନୂଆ ପୋଷାକଟେ କିଣି
କେତେ ଯତନରେ ବଜାରରୁ ବାପା
ମୋ ପାଇଁ ଥିଲେଟି ଆଣି

ବାହୁଙ୍ଗି ମୋହର ଦେଖି
ନିଶ୍ଚେ ଯିବ ଆଖିଲାଖି
ଫୁଲର ହାରରେ ସଜାଇଛି ତାକୁ
ଭକତି ଭାବରେ ମା
ଶିରାବଣ ମାସ ସାରା
ଅରୁଆ ଖୁଆଇ ପରା
ମାଆ ଆମକୁ କରିଥିଲେ ପ୍ରସ୍ତୁତ
ମନେ ବୁଣି ଭକ୍ତି ଚାରା
କାନ୍ଧରେ ବାହୁଙ୍ଗି ମୋର
ଭରିଛି ଗଡୁରେ ନୀର
ସାଙ୍ଗ ସାଥି ବେଳେ ବୋଲ୍‌ବମ୍ କହି
ଯାଉଛି ବାଲୁଙ୍କେଶ୍ୱର
ଯାଉ କରି ଖାଲି ପାଦ
ମନେ ନ ଭରିଣ ଖେଦ
ଓଁ ନମଃ ଶିବାୟ ଡାକି ସର୍ବେ ଚାଲୁ
ଭୁଲି ମନୁ ହିଂସା ବାଦ
ଜଣା ନ ପଡ଼ଇ ବାଟ
ହୃଦେ ଥାଏ ଭକ୍ତି ଘଟ
ଶିବ ପରା ମଙ୍ଗଳମୟ ଅଟନ୍ତି
ତାଙ୍କ ବିନା ସୃଷ୍ଟି ନଷ୍ଟ
ଜଳ ଲାଗି କଳାବେଳେ
ମାଗିବାଟି ଭାବ ଭୋଳେ
ଭଲ ମଣିଷ ସେ ଆମକୁ କରିବେ
ତାଙ୍କ କୃପା ଦୃଷ୍ଟି ବଳେ ।

*ପ୍ରତାପ ନଗରୀ, କଟକ*
*ମୋ- ୮୨୪୯୯୩୨୭୯୨*

## କିଛି ମୋର ଲୋଡ଼ା ନାହିଁ

*ସୁରମା ମିଶ୍ର*



କାହିଁକିଲୋ ମାଆ ଏତେ ଆଡ଼ମ୍ବରେ
ପାଳୁଛୁ ମୋ ଜନ୍ମଦିନ
ଭଲ ଲାଗୁନାହିଁ ମୋତେ ଏ ସବୁ ଲୋ
ଜମା ବୁଝୁନାହିଁ ମନ

କେତେ ଅସହାୟ କୁନିକୁନି ପିଲା
ଭୋକ ଉପାସରେ ରହି
ଦୁଃଖକଷ୍ଟ ସହି ଦିନ କାଟୁଛନ୍ତି
ସାହା ତାଙ୍କ କେହି ନାହିଁ

ସେଥିପାଇଁ ମାଆ ଭାବିଛି ଲୋ ମୁହିଁ
ସେମାନଙ୍କୁ ଖୋଜି ଆଣି
ମୋ ଜନ୍ମଦିନରେ ଖାଇବାକୁ ଦେବା
ସେମାନଙ୍କ ମନ ଜାଣି

ବାପ ମା ଛେଉଣ୍ଡ କେତେଯେ ଅନାଥ
ରହନ୍ତି ଅନାଥାଶ୍ରମେ
ତାଙ୍କୁ ଯଦି ଗଣ୍ଡେ ଖାଇବାକୁ ଦେବା
ଶାନ୍ତି ପାଇବା ଲୋ ଆମେ

ତାଙ୍କ ଓଠେ ହସ ଫୁଟିଲେ ମାଆ ଲୋ
ଆମ ଓଠେ ହସଫୁଟି
ସାରା ଜଗତରେ ଖୁସିର ଲହରୀ
ଯିବଲୋ ମା ଯିବ ଲୋଟି

ଯେତେ ଟଙ୍କା ଖର୍ଚ୍ଚ କରୁଛୁଲୋ ତୁହି
ମୋର ଏ ଜନମ ଦିନେ
ସେଇଟଙ୍କା ସବୁ ଖର୍ଚ୍ଚ କରିବା ଲୋ
ଏହି ପିଲାଙ୍କର କାମେ

ଜେଜେମାଆ ମୋର ଜନମ ଦିନରେ
କରଇ ଚକୁଳି ପିଠା
ତା ସ୍ନେହ ସରାଗ ଭରି ରହିଥାଏ
ଲାଗେ ମୋତେ ଭାରି ମିଠା

ତା ସ୍ନେହଟି ମୁଁଲୋ ଭୁଲି ପାରୁ ନାହିଁ
ସଦା ମୋ ମନେ ପଡୁଛି
କେତେ ସରଳ ତା ନିରୀହ ମୁହଁଟି
ଆଖିରେ ମୋର ନାଚୁଛି

ଲୋଡାନାହିଁ ମୋର କିଛି ମୋ ମାଆଲୋ
କିଛି ମୋର ଲୋଡା ନାହିଁ
କେବଳ ତୋହର ଆଶିଷ ଟିକିଏ
ବରଷି ଦେ ଲୋ ତୁହି ।

*ବି ଏଲ ୩୯, ଭି ଏସ ଏସ ନଗର, ଭୁବନେଶ୍ୱର*
*ମୋ- ୯୮୫୩୩୪୩୯୬୫*



## ଅଲମ୍ପିକ ଖେଳ ଆସିଛି...

*ରାମଚନ୍ଦ୍ର ବେହେରା*

ପ୍ୟାରିସ ନଗରୀ ଉଠୁଛି ପଡୁଛି
ଅଲମ୍ପିକ ଖେଳ ପାଇଁ
ଦୁଇ ଶହ ଛଅ ଦେଶର ଖେଳାଳୀ
ଖେଳୁଛନ୍ତି ମେଳ ହୋଇ

ଗତ ଅଲମ୍ପିକ ଖେଳରେ ଭାରତ
ପାଇଥିଲା ଶ୍ରେଷ୍ଠ ଫଳ
ଏକ ସ୍ୱର୍ଣ୍ଣ ସହ ସାତଟି ପଦକ
ଜିତି କରିଥିଲା ଠୁଳ

ଦଶ ହଜାରରୁ ଅଧିକ ଖେଳାଳୀ
ଖେଳିବେ ଖଟାଇ ଶକ୍ତି
ନିଜର ସୁନାମ ଦେଶର ଗୌରବ
କରିବେ ପଦକ ଜିତି

ଚଳନ୍ତି ଖେଳକୁ ଯାଇଛନ୍ତି ଆମ
ଉଚ୍ଚମାନର ଖେଳାଳୀ
ଅଧିକ ପଦକ ଜିତିବାର ଲକ୍ଷ୍ୟ
ପୂରଣ କରିବେ ମିଳି

ଭାରତ ଭୂଇଁରୁ ସୁଯୋଗ୍ୟ ଖେଳାଳୀ
ଯାଇଛନ୍ତି ହୋଇ ମେଳି
ଷୋଳଟି ଖେଳରେ ଭାଗ ନେବେ ଆମ
ଶହେ ସତର ଖେଳାଳୀ

ଅଲମ୍ପିକ ଖେଳେ ପଦକ ଜିତି ସେ
ରଖିବେ ଦେଶର ମାନ
ତାଙ୍କ ବିଜୟରେ ଉଚ୍ଛୁଳି ପଡିବ
କୋଟି ଭାରତୀୟ ପ୍ରାଣ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ- ୭୩୫୫୬୩୪୩୪୬*

## ହୋଇବ ଜଗତଜିତା

*ନୀଳମଣି ଚାନ୍ଦ*

ଟପର ଟପର ବରଷା ପଡିଲେ
ଲାଗେ ଯେମିତି ସେ କହେ
ତିରିଶଟି ପିଲା ଏକାଠି ହୋଇରେ
ଲଗାଅ ଚାରାଟି ଶହେ

ଏଇ ବାରତାକୁ ପ୍ରଚାର କରିବା
ଗାଆଁ ସହରରେ ବୁଲି
ସମସ୍ତେ ଏହାକୁ ଦିଅନ୍ତୁ ଧିଆନ
ମନରୁ ଜମା ନ ଭୁଲି

ତୁମ ପାଇଁ ପିଲେ ପଢ଼ାପଢ଼ି ଆଗ
ଏ କଥାଟି କହି ପାର
ବଣ ଜଙ୍ଗଲର ସୁରକ୍ଷାଟି ଆଗ
ଆଜି ସିନା ଦରକାର

କୋଠା ତ ବଢୁଛି ବଢେ ଜନସଂଖ୍ୟା
ବଢିଚାଲେ ରାସ୍ତା, ଗାଡ଼ି
ବଣ ଜଙ୍ଗଲ ତ ଆଉ ପାରୁନାହିଁ
ଅନ୍ୟ ଇଲାକାକୁ ମାଡ଼ି

ସାରା ବିଶ୍ୱଟିରେ ସବୁଦେଶ ପାଇଁ
ବଢାଇଛି ଇଏ ଚିନ୍ତା
ଏଥିପାଇଁ କିଛି କରି ଦେଖାଇଲେ
ହୋଇବ ଜଗତଜିତା ।

*ଭୁବନେଶ୍ୱର*
*ମୋ- ୯୫୮୩୨୦୨୩୫୭*



## ନଈବଢ଼ି

*ଧ୍ରୁବ ଚରଣ ଘିବେଲା*



ଉପର ମୁଣ୍ଡରେ ବରଷା ହୋଇଲେ
ନଈନାଳ ଯାଏ ପୂରି
ଦୁଇ କୂଳ ଛୁଇଁ ବହିଗଲେ ନଈ
କେବେ ନଈ ପଡ଼େ ଉଛୁଳି

ଉପର ମୁଣ୍ଡରୁ ବହି ଆସି ପାଣି
ଛୁଇଁଯାଏ ଦୁଇ କୂଳ
ବରଷା ଦିନରେ ନଈ ସବୁବେଳେ
ରହିଥାଏ ଭରପୂର

ଖରାଦିନେ ସିନା ନଈ ପିଠି ଛାତି
ହୋଇଥାଏ ଏକାକାର
ଜଳ ବିନା ନଈ ଶ୍ରୀହୀନା ଦିଶଇ
ଜଳାଭାବେ ହାହାକାର

ମେଘ ଘୋଟିଆସେ ଆକାଶର ଦେଶେ
ଆସିଲେ ଆଷାଢ଼ ଶ୍ରାବଣ
ବଉଦ ଫାଙ୍କରେ ବିଜୁଳି ଚମକେ
ବରଷେ ବି ଘନଘନ

ଆକାଶରୁ ଝରେ ନଈ ନାଳ ପୂରେ
ହୋଇଲେ ଲଗାଣ ବରଷା
ବରଷା ଛୁଆଁରେ ଶୁଖିଲା ଗଛ ବି
ଧିରେ ଦିଶି ଆସେ ସରସା

କେବେ କେବେ ନଈ ଦୁଇକୂଳ ଡେଇଁ
କୂଳ ଲଂଘେ ଦୁଇ ପାଖେ
ନଈକୂଳ ଦେଶେ ଥିଲେ ଗାଆଁଗଣ୍ଡା
ଗାଆଁ ଗାଆଁରେ ପାଣି ପଶେ

ନଈକୂଳବାସୀ ଭୋଗନ୍ତି ଦୁର୍ଦ୍ଦଶା
ଜଳବନ୍ଦୀ ହୋଇ କେବେ
ଧନ ଓ ଜୀବନ ହୁଅଇ ବିପନ୍ନ
ଜଳେ ନାଶ ଯାଏ ଯେବେ

ଦୁଃଖ ଭଳି ଦୁଃଖ ଦିଏ ନଈବଢ଼ି
ନଷ୍ଟ ଯାଏ ଧନ ଜୀବନ
ନଈବଢ଼ି ଦୁଃଖ ଲଭିଥାନ୍ତି ଯିଏ
ଅଭୁଲା ସାରା ଜୀବନ ।

*ବଉଦରାଜ, ଜି- ବୌଦ୍ଧ*
*ମୋ- ୯୪୩୭୪୭୮୪୬୬*



## ଆସିଛି ବରଷା ରାଣୀ

*ଜୟନ୍ତ କୁମାର ମଲ୍ଲିକ*

ମେଘ ସବାରିରେ ନୂଆବୋହୂ ସାଜି
ଆସିଛି ବରଷା ରାଣୀ
ଦେହେ ଝଲମଲ ବିଜୁଳି ଗହଣା
ମନଲୋଭା ତାର ଠାଣି,
ଘଡଘଡି ବାଜା ବାଜେ ରହି ରହି
ବହେ ତ ଶୀତଳ ବାଆ
ଗାଆଁ ଦାଣ୍ଡେ ଦେଖ ଚାଲେ ପାଣି ସୁଅ
ଭାସେ କାଗଜର ନାଆ,
ସାରୁ ପତରର ସାମିୟାନା ତଳେ
ବେଙ୍ଗ ବେଙ୍ଗୁଲିଙ୍କ ମେଳ
ଏତେଦିନ ପରେ ସେମାନଙ୍କ ପାଇଁ
ଆସିଅଛି ଶୁଭ ବେଳ,
ଝରିପୋକ ଭୋଜି ଖାଇ ବରଯାତ୍ରୀ
ଖୁସିରେ ଛାଡନ୍ତି ରଡ଼ି
ଶିକାରୀ ସାପକୁ ଆସିବାର ଦେଖି
ଧାଆନ୍ତି ଯେ ଉଠି ପଡ଼ି,
ଚାଷୀଭାଇ ମନେ ଭରିଯାଏ ଖୁସି
ବିଲକୁ ସେ ଧାଇଁଯାଏ
ଡଙ୍ଗା ପରେ ବସି ନାଉରିଆ ଭାଇ
ନଈ କୂଳେ ଗୀତ ଗାଏ,
ଜଳ ଜୀବଙ୍କର ଖେଳ କଉତୁକ
ଏ ସମୟେ ଜମି ଥାଏ
ଖରା ତାତି ଆଉ ବାଧେ ନାହିଁ ଜମା
ଗରମ ବି କମି ଯାଏ,
ବରଷା ରାଣୀର ଆଗମନେ
ମନେ ଭରସା ଯେ ଯାଏ ଭରି
ଫେରି ଯାଏ ସେତ ତା ରାଜୁତି ସାରି
ଅଶେଷ ମଙ୍ଗଳ କରି ।

*ଶୂରଡିହ,ନନ୍ଦିପୁର,ଦଶରଥପୁର,ଯାଜପୁର*
*ମୋ- ୯୪୩୭୮୬୫୭୨୭*

## ଆସିଲା ବରଷା

*ଦେବେନ୍ଦ୍ର କୁମାର ରାଉଳ*

ଆସିଲା ବରଷା କାଳ ରହିବା ସତର୍କ
ଡେଙ୍ଗୁ, ମ୍ୟାଲେରିଆ କେବେ ମାଡିବନି ପାଖ
ଶୋଇବା ସର୍ବଦା ଆମେ ମଶାରୀକୁ ଟାଣି
ଜମିବାକୁ ଦେବାନାହିଁ ଘରପାଖେ ପାଣି
ବ୍ୟବହାର କରୁଥିବା ମଶା ନିବାରକ
ଦେହ ସଂପୂର୍ଣ୍ଣ ଘୋଡାଇ ପିନ୍ଧିବା ପୋଷାକ
ଆମ ଆଖପାଖ ସଦା ସ୍ୱଚ୍ଛ ଥିବ ଯଦି
ମଶାବଂଶ କେବେହେଲେ ହେବନାହିଁ ବୃଦ୍ଧି
ମୁଣ୍ଡ ବିନ୍ଧା, ବାନ୍ତି ସହ ଦେହେ ଥିଲେ ଜ୍ୱର
ରକ୍ତ ପରୀକ୍ଷା କରିବା ରୋଗୀର ସ□ର
ସଚେତନ ସହ ଆମେ ହୋଇଲେ ସଜାଗ
ଦୂରେଇ ରହିବ ଡେଙ୍ଗୁ, ମ୍ୟାଲେରିଆ ରୋଗ ।





*ଜୁଣଗଡି, ରାଜନଗର, କେନ୍ଦ୍ରାପଡା*
*ମୋ- ୮୮୯୫୭୪୬୫୬୫*

## ବଜରପାତ କରେ ନିପାତ

*ମହେନ୍ଦ୍ର କୁମାର ଘଡ଼େଇ*



ତାଳ ଗଛର ମୂଳରୁ ହାଣି
କନ୍ଦା ଖାଇବା ପାଇଁ
ଗୋଟିକୁ ଗୋଟି ଟିକି ଗଛର
ମୂଳ ହାଣିଲା ଯାଇ

ଦୂରରେ ଛାଇ ବିରାଟ ଗଛ
ହୋଇବ ଠିଆ କାହିଁ
କାହାର କେଉଁ ଉପକାର ସେ
ଅଛି କରିବା ପାଇଁ ?

ବବୁଲ କହେ ନାହିଁରେ ଭାଇ
ଜାଣିନୁ କିଛି ତୁହି
ଜୀବଜଗତ ଉପକାର ସେ
କରେ ଧରାରେ ରହି

ଢେ଼ଙ୍ଗା ମୁଣ୍ଡରେ ଠେଙ୍ଗା ପାହାର
ଜାଣିଛୁ ଏଇ କଥା
ବଜରପାତ କରେ ନିପାତ
ଦେଖାଇ ତା'ର ମଥା

ବିଜୁଳି ଘଡ଼ଘଡିକୁ ଟାଣି
ନିଜେ ସେ ଯାଏ ଜଳି
ଘୋଡ଼ାଇ ରଖେ ଧନ ଜୀବନ
ହାତରେ ତା'ର ତୋଳି

ଝଡ଼ ବତାସ ବଢ଼ିକୁ ଠେଲି
ଦିଅଇ ତାଳଗଛ
ତାକୁ କାଟିଲେ ଜୀବଜଗତ
ଡୁବିବା ନୁହଁ ମିଛ

ନିଜର ବାଡ଼ି ପତିତ ଜମି
ହେଉ ବା ଅନାବାଦୀ
ତହିଁରୁ କାଟି ଜୋରିମାନା କି
ଭୋଗନି ଜମା ବନ୍ଦୀ

ନିଜର ଭୁଲ୍ ବୁଝିଲା ବଣ୍ଟି
କହିଲା ଆଉ ନୁହଁ
ସଚେତନତା କରିକି ତାଳ
ଗଛ ପୋତିବା କୁହ ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ- ୯୪୩୭୭୪୦୫୬୬*

## ଧାରା ଶିରାବଣ ଧୀରେ ଆସିଲା

*ନିରଞ୍ଜନ ସାହୁ*



ପଚର ପଚର ଦାଣ୍ଡ ହୋଇଲା
ଘର ଚାଳୁ ପାଣି ଦାଣ୍ଡେ ବୋହିଲା
କାଗଜ ଡ଼ଙ୍ଗାଟେ କିଏ ଭସାଇଲା
ଭାସିଭାସି ଆସି ଏଠି ରହିଲା

ଥଣ୍ଡା, ଜ୍ୱର ରୋଗ ଭାରି ବ୍ୟାପିଲା
ମଶା ମାଛିଙ୍କର ଭାଉ ବଢିଲା
ମଶାରୀ ନିହାତି ଖୋଜା ପଡିଗଲା
ହଇଜା ବ୍ୟାପିବା ଭୟ ରହିଲା

ରେନିକୋର୍ଟ, ଛତା ମୁହଁ ରଙ୍ଗିଲା
ଭଙ୍ଗା କାନ୍ଥେ କିଏ ମାଟି ନେସିଲା
ଝମ୍ପା ପକାଇକି ମାଛ ମରାଗଲା
ଘର ଭାରି ଆଇଁଷିଆ ବାସିଲା

ଧାରା ଶିରାବଣ ମାସ ଆସିଲା
ଆକାଶରେ କଳା ମେଘ ଭାସିଲା
ଚାତକ ପରିକା ଚାଷୀ ଚାହିଁଥିଲା
ବରଷା ତାହାର ଦୁଃଖ ନାଶିଲା

ଝରଝର ହୋଇ ବର୍ଷା ଝରିଲା
ନଦୀ, ନାଳ, ପୋଖରୀରେ ଭରିଲା
ଜଳଚରଙ୍କର ମନକୁ ରସିଲା
ଚାଷୀ ବେଉଷଣେ ବିଲ ଚଷିଲା

ଜାତିଜାତି କେତେ ଫୁଲ ଫୁଟିଲେ
ଜଳସ୍ଥଳ କୁସୁମିତ ହୋଇଲେ

ବାଡ଼ି ବଗିଚାରେ ପରିବା ଫଳିଲେ
ଖାଉଟିମାନଙ୍କ ଦୁଃଖ ହରିଲେ

ଆକାଶରେ ଇନ୍ଦ୍ରଧନୁ ଦିଶିଲା
ସାତରଙ୍ଗ ସାଥେ ଆଖି ମିଶିଲା
କଳାମେଘ ଦେଖି ମୟୁର ନାଚିଲା
ବିଜୁଳି ଓ ଘଡ଼ଘଡ଼ି ମାରିଲା

ନାନାଜାତି ଛତୁ ଫୁଟି ହସିଲେ
ସାଧବ ବୋହୂ ଯେ ଏବେ ଦିଶିଲେ
ଧୂସର ଧରଣୀ ଶ୍ୟାମଳ ସାଜିଲେ
ସାପ, ବିଛା ଏଣେ ତେଣେ ବୁଲିଲେ

କାଉଡିଆ ଜଳ ଭାର ଧରିଲା
ଚିତଉ ଉଆଁସେ ପିଠା ହୋଇଲା
ଝୁଲଣ ଯାତ୍ରାରେ ବିମାନ ଝୁଲିଲା
ଭାଇ ହାତେ ରାକ୍ଷୀ ଭଗ୍ନୀ ବାନ୍ଧିଲା

ଶ୍ରାବଣ ମହିମା ଏତେ କହିଲି
ବୁଝାଇସୁଝାଇ ଏବେ ରହିଲି
ବରଷାର ଦାଉ ଅବଶ୍ୟ ସହିଲି
ବର୍ଷା ଯୋଗୁଁ ଫସଲ ମୁଁ ପାଇଲି ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

## ନାଆଁଟି ମୋର ଛତା

*ସାବିତ୍ରୀ ମଲ୍ଲିକ*

ଛତା ଅଟଇ ଯେ ନାମଟି ମୋର
ସବୁ ଲୋକଙ୍କର ମୁଁ ଦରକାର
ଲୁହାର ତାରରେ ଶରୀର ଗଢା
ପିଲା ଠାରୁ ବୁଢା ସଭିଙ୍କ ଲୋଡ଼ା
ରଙ୍ଗ ବେରଙ୍ଗର କପଡ଼ା ପିନ୍ଧି
ସ୍ୱଭାବେ ସଭିଙ୍କୁ ରଖଇ ବାନ୍ଧି
ଖରା ବର୍ଷା ଋତୁ ଆସଇ ଯେବେ
ଭାରି ଦରକାରେ ଲାଗଇ ସେବେ
ସୁରକ୍ଷା ଦିଅଇ ରକ୍ଷକ ଭଳି
ଯେତେ ଖରା ହେଲେ ଯାଏନି ଜଳି
ବେଳେବେଳେ ବାଆ ବଇରୀ ହୁଏ
ଭାଙ୍ଗି ଦେଇ ମୋତେ ଆନନ୍ଦ ପାଏ
ତଥାପି କେବେବି କରେନି ଦୁଃଖ
ଚାହେଁ ସଦାବେଳେ ତୁମରି ସୁଖ
ଗରବ ଆସେନି କେବେ ମୋ ମନେ
ଇଚ୍ଛା ସଦା ଭଲେ ଥାଆନ୍ତୁ ଜନେ ।

*ଦଶରଥପୁର, ଯାଜପୁର, ଓଡ଼ିଶା*
*ଫୋନ୍- ୯୩୩୭୩୦୭୦୧୧*



# ଅଲିମ୍ପିକ୍ସ : କ୍ୱାର୍ଟରଫାଇନାଲରେ ନୋଭାକ ଜୋକଭିଚ୍



**ପ୍ୟାରିସ୍**

ସର୍ବିୟାର ଟେନିସ୍ ଷ୍ଟାର ନୋଭାକ ଜୋକଭିଚ୍ ପ୍ୟାରିସ୍ ଅଲିମ୍ପିକ୍ସରେ ଇତିହାସ ସୃଷ୍ଟି କରିଛନ୍ତି। ସେ ବିଶ୍ୱର ପ୍ରଥମ ଟେନିସ୍ ଖେଳାଳି ଭାବେ ଅଲିମ୍ପିକ୍ସ ଇତିହାସରେ ୪ର୍ଥ ଥର ପାଇଁ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

୩୭ ବର୍ଷୀୟ ଜୋକଭିଚ୍ ପ୍ରିକ୍ୱାର୍ଟର ଫାଇନାଲରେ ଜର୍ମାନୀର ଡୋମିନିକ କୋଫେରଙ୍କୁ ୭-୫ ଓ ୬-୩ରେ ହରାଇ ଏପରି ସଫଳତା ହାସଲ କରିଛନ୍ତି। ଏଥିସହ ସେ ଅଲିମ୍ପିକ୍ସ ଇତିହାସର ବୟସ୍କ ଖେଳାଳି ଭାବେ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛନ୍ତି।

ଅଲିମ୍ପିକ୍ସରେ ୧୬ତମ ବିଜୟ ହାସଲ କରିଥିବା ଜୋକଭିଚ୍ ଏଯାଏ ସ୍ୱର୍ଣ୍ଣ ପଦକ ଜିତି ପାରି ନାହାନ୍ତି। କିନ୍ତୁ ଏଥର ସେ ଇତିହାସ ବଦଳାଇବା ଲକ୍ଷ୍ୟରେ ରହିଛନ୍ତି। ଷ୍ଟାର ଟେନିସ୍ ଖେଳାଳି ରାଫେଲ ନାଡ଼ାଲଙ୍କୁ ଏହା ପୂର୍ବରୁ ହରାଇଥିବା ଜୋକଭିଚ୍‌ଙ୍କୁ କୋଫେର କଡ଼ା ଟକ୍କର ଦେଇଥିଲେ। ଦୀର୍ଘ ୧ ଘଣ୍ଟା ୩୭ ମିନିଟ୍‌ର ସଂଘର୍ଷ ପରେ ଜୋକୋଭିଚ୍‌ଙ୍କୁ ସଫଳତାର ସ୍ୱାଦ ମିଳିଛି।

୫ମ ଥର ପାଇଁ ଅଲିମ୍ପିକ୍ସରେ ନଜର ଆସିଥିବା ଜୋକଭିଚ୍ ଏଯାଏ କେବଳ ୨୦୦୮ ବେଜିଂ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତି ପାରିଛନ୍ତି।୨୦୧୨ ଓ ୨୦୨୧ରେ ସେ ଯଥାକ୍ରମେ ଜୁଆନ ମାର୍ଟିନ ଡେଲ ପୋଟ୍ରୋ ଓ ପାବଲୋ କାରେନଥ ବୁଷ୍ଟାଙ୍କ ଠାରୁ ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ହାରିଥିଲେ। ୨୦୧୬ ରିଓ ଅଲିମ୍ପିକ୍ସରେ ଜୋକଭିଚ୍‌ଙ୍କୁ ପ୍ରଥମ ରାଉଣ୍ଡରେ ହିଁ ପୋଟ୍ରୋ ହରାଇ ଦେଇଥିଲେ।

# ଅଲିମ୍ପିକ୍ସ ପଦକ ଠାରୁ ଗୋଟିଏ ପାଦ ଦୂରରେ ବକ୍ସର ଲଭ୍‌ଲିନା

**ପ୍ୟାରିସ୍**

ପ୍ୟାରିସ୍ ଅଲିମ୍ପିକ୍ସରେ ପଦ ପକ୍କା କରିବା ପାଇଁ ଭାରତର ଷ୍ଟାର ବକ୍ସର ଲଭ୍‌ଲିନା ବୋର୍ଗୋହେନ ଗୋଟିଏ ବିଜୟ ଦୂରରେ ରହିଛନ୍ତି। ଟୋକିଓ ଅଲିମ୍ପିକ୍ସ ଓ ଏସିଆନ ଗେମ୍ସରେ ଭାରତ ପାଇଁ ଲଭ୍‌ଲିନା ବ୍ରୋଞ୍ଜ ଜିତିଥିଲେ। ଏବେ ସେ ପ୍ୟାରିସ୍ ଅଲିମ୍ପିକ୍ସର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।



୭୫ କେଜି ମହିଳା ବର୍ଗରେ ଲଢୁଥିବା ଲଭଲିନା ନରୱେର ସୁନ୍ନିଭା ହୋଫଷ୍ଟାଡଙ୍କୁ ୫-୦ରେ ହରାଇ କ୍ୱାର୍ଟର ଫାନାଲରେ ନିଜର ସ୍ଥାନ ପକ୍କା କରିଛନ୍ତି। ଯଦି ସେ କ୍ୱାର୍ଟର ଫାଇନାଲରେ ଜିତିବେ, ତା'ହେଲେ ତାଙ୍କ ନାଁରେ ପଦକ ପକ୍କା ହୋଇଯିବ। କାରଣ ବକ୍ସିଂ ଇଭେଣ୍ଟର ସେମି ଫାଇନାଲରେ ପ୍ରବେଶ କରୁଥିବା ବକ୍ସର ଅତିକମ୍‌ରେ ବ୍ରୋଞ୍ଜ ପଦକ ପାଇବାର ପ୍ରାବଧାନ ରହିଛି। ହେଲେ ଲଭ୍‌ଲିନାଙ୍କ ଠାରୁ ଦେଶ ଏଥର ସ୍ୱର୍ଣ୍ଣ ପଦକ ଆଶାରେ ରହିଛି।

ଟୋକିଓରେ ସେ ୬୯ କେଜି ବର୍ଗରେ ଲଢ଼େଇ କରି ଦେଶ ପାଇଁ ବ୍ରୋଞ୍ଜ ପଦକ ଜିତିଥିଲେ। ଏଥର ସେ ୭୫ କେଜି ବର୍ଗରେ ବିଶ୍ୱର ୮ମ ସିଡ୍ ଭାବେ ପ୍ୟାରିସ୍ ଅଲିମ୍ପିକ୍ସ ଖେଳୁଛନ୍ତି। ତାଙ୍କର ଅଲିମ୍ପିକ୍ସ ଡେବ୍ୟୁଟାଣ୍ଟ ୨୦ ବର୍ଷୀୟ ହୋଫଷ୍ଟାଡ୍‌ଙ୍କ ସହ ହୋଇଥିଲା।

ପ୍ରାରମ୍ଭିକ ରାଉଣ୍ଡରେ ହୋଫଷ୍ଟାଡ ଆକ୍ରମଣାତ୍ମକ ଖେଳ ଦେଖାଇଥିଲେ। କିନ୍ତୁ ୨୭ ବର୍ଷୀୟ ଲଭ୍‌ଲିନା ସବୁ କିଛି ଫିକା କରି ଦେଇଥିଲେ। ପ୍ରଥମ ଓ ଦ୍ୱିତୀୟ ରାଉଣ୍ଡରେ ସମସ୍ତ ୫ଜଣ ଯାକ ବିଚାରପତି ଲଭ୍‌ଲିନାଙ୍କୁ ୧୦ ପଏଣ୍ଟ ଲେଖାଏଁ ଦେଇଥିଲେ।

ତୃତୀୟ ରାଉଣ୍ଡରେ ହୋଫଷ୍ଟାଡ୍ କମ୍‌ବ୍ୟାକ୍ କରିବାକୁ ଚାହିଁଥିଲେ କିନ୍ତୁ ଲଭ୍‌ଲିନା ତାଙ୍କର ସବୁ ଆଶାରେ ପାଣି ପକାଇ ଦେଇଥିଲେ। ଶେଷରେ ସେ ୫:୦ ବ୍ୟବଧାନରେ ମ୍ୟାଚ୍ ଜିତି ପଦକର ଆଉ ଏକ ପାଦ ନିକଟତର ହୋଇଥିଲେ।

# ୫୦ ମିଟର ରାଇଫଲରେ ପଦକ ନିଶ୍ଚିତ କଲେ ସ୍ୱପ୍ନିଲ୍



**ପ୍ୟାରିସ୍**

ଭାରତର ଯୁବ ସୁଟର ସ୍ୱପ୍ନିଲ କୁସାଲେ ରେକର୍ଡ କରିଛନ୍ତି। ସେ ୫୦ ମିଟର ରାଇଫଲ ୩ ପୋଜିସନର ଫାଇନାଲରେ ପ୍ରବେଶ କରିଛନ୍ତି। ଏହାର ଅର୍ଥ ସ୍ୱପ୍ନିଲ ପଦକ ପାଇଁ ଲଢ଼େଇ କରିବେ।

ତେବେ ଭାରତର ପ୍ରତାପ ସିଂହ ତୋମାର ୧୧ତମ ସ୍ଥାନରେ ନିଜର ଅଭିଯାନ ଶେଷ କରିଛନ୍ତି। ଏହି ପ୍ରତିଯୋଗିତାରେ ସ୍ୱପ୍ନିଲ ବେଶ୍ ଲୟରେ ରହିଥିଲେ ସେ ନେଲିଂ ରାଉଣ୍ଡରେ ୧୯୮ ପଏଣ୍ଟ, ପର୍ଣ୍ଣ ବା ଶୋଇ ରହି ସଟ୍ ମାରିବା ରାଉଣ୍ଡରେ ୧୯୭ ପଏଣ୍ଟ ଓ ଷ୍ଟାଣ୍ଡିଂ ରାଉଣ୍ଡରେ ୧୯୫ ପଏଣ୍ଟ ହାସଲ କରିଥିଲେ। ଫଳରେ ସେ ୭ମ ସ୍ଥାନରେ ରହି ଫାଇନାଲକୁ ଯାଇଛନ୍ତି। ସ୍ୱପ୍ନିଲ ମୋଟ୍ ଉପରେ ୫୯୦ ପଏଣ୍ଟ ଓ ୩୮ଟି ଇନର ୧୦ ସଟ୍ ମାରିଛନ୍ତି।

ପ୍ରଥମରୁ ସ୍ୱପ୍ନିଲ ଆରମ୍ଭରୁ ହିଁ ଦମ୍‌ଦାର ପ୍ରଦର୍ଶନ କରି ନେଲିଂ ରାଉଣ୍ଡର ପ୍ରଥମ ସିରିଜ୍‌ରେ ଟ୍ରିପଲ ୧୦ ହାସଲ କରିଥିଲେ। ଏହାପରେ ସେ ଧୀରେଧୀରେ ନିଜର ଦବ୍‌ଦବା ଦେଖାଇ ଟପ୍ ୭ରେ ରହିବାକୁ ସକ୍ଷମ ହୋଇଥିଲେ। ଗୁରୁବାର ସେ ନିଜର ଫାଇନାଲ ମ୍ୟାଚ୍ ଖେଳିବେ।

# ତୀରନ୍ଦାଜି : ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କଲେ ଦୀପିକା କୁମାରୀ



**ପ୍ୟାରିସ୍**

ପ୍ୟାରିସ୍ ଅଲିମ୍ପିକ୍ସର ତୀରନ୍ଦାଜି ଇଭେଣ୍ଟରୁ ଭଲ ଖବର ଆସିଛି। ମହିଳା ଏକକ ବର୍ଗରେ ଷ୍ଟାର ତୀରନ୍ଦାଜ ଦୀପିକା କୁମାରୀ ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ମହିଳା ଟିମ୍ ଇଭେଣ୍ଟରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ଦୀପିକା ଏବେ ଲୟକୁ ଫେରିବା ଭଳି ମନେ ହେଉଛି। ତେଣୁ ତାଙ୍କ ଠାରୁ ଦେଶ ଅନେକ କିଛି ଆଶା ରଖିଛି। କାରଣ ୩୬ ବର୍ଷ ହେଲାଣି ତୀରନ୍ଦାଜିରେ ଭାରତକୁ ଏଯାଏ ଅଲିମ୍ପିକ୍ସ ପଦକ ମିଳିନାହିଁ। ଦୀପିକା କୁମାରୀଙ୍କ ମୁକାବିଲା ନେଦରଲ୍ୟାଣ୍ଡ୍ସର କ୍ୱିଣ୍ଟୀ ରୋଇଫିନଙ୍କ ସହ ହୋଇଥିଲା। ଦୀପିକା ତାଙ୍କୁ ୬-୨ରେ ହରାଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରଥମ ସେଟ୍‌କୁ ଦୀପିକା ୨୯-୨୮ରେ ଜିତି ନେଇଥିଲେ।

ଦ୍ୱିତୀୟ ସେଟରେ କ୍ୱିଣ୍ଟୀ କମ୍‌ବ୍ୟାକ୍ କରିଥିଲେ। ସେ ୨୯-୨୭ରେ ସେଟ୍‌କୁ ଜିତି ସ୍ଥିତି ୨-୨ କରି ଦେଇଥିଲା। କିନ୍ତୁ ଦୀପିକା କୁମାରୀ କମ୍‌ବ୍ୟାକ୍ କରି ପରବର୍ତ୍ତୀ ଦୁଇଟି ସେଟ୍‌କୁ ୨୫-୧୭ ଓ ୨୮-୨୩ରେ ଜିତି ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଥିଲେ। ସେ ୩ ତାରିଖରେ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳିବେ।

# ପ୍ରି-କ୍ୱାର୍ଟର ଫାଇନାଲରେ ସିନ୍ଧୁ ଓ ଲକ୍ଷ୍ୟ ସେନ୍

**ପ୍ୟାରିସ୍**

ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତୀୟ ସଟଲରଙ୍କ ଦବ୍‌ଦବା ଜାରି ରହିଛି। ନକ୍‌ଆଉଟ ଷ୍ଟେଜ ଅର୍ଥାତ ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ପିଭି ସିନ୍ଧୁ ଓ ଲକ୍ଷ୍ୟ ସେନ।



୨୦୧୬ ଓ ୨୦୨୨ ଅଲିମ୍ପିକ୍ସରେ ଭାରତ ପାଇଁ ପଦକ ଜିତିଥିବା ସିନ୍ଧୁ ମହିଳା ଏକକ ବର୍ଗ ଓ ଲକ୍ଷ୍ୟ ସେନ ପୁରୁଷ ଏକକ ବର୍ଗର କ୍ୱାର୍ଟର ଫାଇନାଲରେ ନିଜର ସ୍ଥାନ ପକ୍କା କରିଛନ୍ତି।

ସିନ୍ଧୁଙ୍କ ମୁକାବିଲା ଇଷ୍ଟୋନିଆର କ୍ରିଷ୍ଟିନ କୁବାଙ୍କ ସହ ହୋଇଥିଲା। ଉକ୍ତ ମ୍ୟାଚ୍‌କୁ ସିନ୍ଧୁ ଅତି ସହଜରେ ୨-୦ରେ ଜିତି ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମ୍ୟାଚ୍‌କୁ ସେ ମାତ୍ର ୩୦ ମିନିଟ ମଧ୍ୟରେ ଶେଷ କରି ୨୧-୫ ଓ ୨୧-୧୦ରେ କବ୍‌ଜା କରି ନେଇଛନ୍ତି। ଏହି ବିଜୟ ସହ ଗ୍ରୁପ୍ ଏମ୍‌ରୁ ସିନ୍ଧୁ ୧ ନଂ ସ୍ଥାନରେ ରହି ପ୍ରି-କ୍ୱାର୍ଟର ଫାଇନାଲକୁ ଯାଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ସିନ୍ଧୁ ଦମ୍‌ଦାର ଢଙ୍ଗରେ ଅବଦୁଲ ରଜାକ୍ ଫାତିମାଙ୍କୁ ହରାଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ସେ କୁବାଙ୍କୁ ମାତ୍ ଦେଇଛନ୍ତି। ୨୦୧୬ ଓ ୨୦୨୨ରେ ଭାରତ ପାଇଁ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାତେଇଥିବା ସ୍ୱର୍ଣ୍ଣ ଜିତିବା ମୁଡ୍‌ରେ ରହିଛନ୍ତି।

ଅନ୍ୟପକ୍ଷରେ ଲକ୍ଷ୍ୟ ସେନ ତାଙ୍କ ଗ୍ରୁପ୍ ପର୍ଯ୍ୟାୟର ଶେଷ ମ୍ୟାଚ୍‌ରେ ଇଣ୍ଡୋନେସିଆର ଜୋନାଥନ କ୍ରିଷ୍ଟିଙ୍କୁ ହରାଇଛନ୍ତି। ଏହି ମ୍ୟାଚ୍‌ର ଆରମ୍ଭରୁ ଜୋନାଥନ ନିଜର ଦବ୍‌ଦବା ଦେଖାଇଥିଲେ। ଏଥିସହ ଲକ୍ଷ୍ୟଙ୍କ ଠାରୁ ୨-୮ରେ ଲିଡ୍ କରିଥିଲେ। ହେଲେ ଅଲିମ୍ପିକ୍ସ ଡେବ୍ୟୁଟାଣ୍ଟ ଲକ୍ଷ୍ୟ ସେନ ଜବରଦସ୍ତ କମ୍‌ବ୍ୟାକ୍ କରି ପ୍ରଥମ ସେଟ୍‌କୁ ୨୧-୧୮ରେ ଜିତି ନେଇଥିଲେ।

ଦ୍ୱିତୀୟ ସେଟ୍ ଆରମ୍ଭରୁ ଲକ୍ଷ୍ୟ ସେନଙ୍କ ଦବ୍‌ଦବା ଦେଖିବାକୁ ମିଳିଥିଲା। ସେ ଏହି ସେଟ୍‌ରେ ନିଜର ଜଲୱା ଦେଖାଇ ଥିଲେ। ଜୋନାଥନ କମ୍‌ବ୍ୟାକ୍ କରିବାକୁ ଚେଷ୍ଟା କରିଥିଲେ ହେଁ ଲକ୍ଷ୍ୟ ସେନ ତାଙ୍କର ସବୁ ଉଦ୍ୟମକୁ ପାଣିରେ ପକାଇ ଦେଇଥିଲେ। ଶେଷରେ ଏହି ସେଟ୍‌କୁ ୨୧-୧୨ରେ ଜିତି ସେ ଇତିହାସ ରଚିଥିଲେ। ଲକ୍ଷ୍ୟ ସେନ ଭାରତର ପ୍ରଥମ ପୁରୁଷ ସଟଲର ଭାବେ ଦୀର୍ଘ ୮ ବର୍ଷ ପରେ ଅଲିମ୍ପିକ୍ସର ନକଆଉଟ୍ ଷ୍ଟେଜରେ ପହଞ୍ଚିଛନ୍ତି।

# ଜନ୍ମ ଦିନରେ ରେକର୍ଡ କଲେ ଭାରତର ଶ୍ରୀଜା ଅକୁଲା

**ପ୍ୟାରିସ୍**



ପ୍ୟାରିସ୍ ଅଲିମ୍ପିକ୍ସରେ ଚମକିଛନ୍ତି ଭାରତର ଷ୍ଟାର ଟେବୁଲ ଟେନିସ୍ ଖେଳାଳି ଶ୍ରୀଜା ଅକୁଲା। ସେ ପ୍ୟାରିସ୍‌ରେ ଭାରତ ପାଇଁ ହାସଲ କରିଛନ୍ତି ଐତିହାସିକ ବିଜୟ। ଶ୍ରୀଜା ଟେବୁଲ ଟେନିସ୍‌ର ମହିଳା ଏକକ ବର୍ଗର ପ୍ରି କ୍ୱାର୍ଟର ଫାଇନାଲରେ ନିଜର ସ୍ଥାନ ପକ୍କା କରିଛନ୍ତି। ବୁଧବାର ହେଉଛି ଶ୍ରୀଜାଙ୍କ ୨୬ତମ ଜନ୍ମ ଦିନ। ସେ ଜନ୍ମ ଦିନରେ ଦମ୍‌ଦାର ପ୍ରଦର୍ଶନ କରି ସିଙ୍ଗାପୁରର ଜିଆନ ଜେଙ୍ଗଙ୍କୁ ୪-୨ ସେଟରେ ପରାସ୍ତ କରିଛନ୍ତି।

ପ୍ରଥମ ସେଟ୍‌କୁ ୯-୧୧ରେ ହାରିଥିବା ଶ୍ରୀଜା ଦ୍ୱିତୀୟ ସେଟ୍‌ରୁ କମ୍‌ବ୍ୟାକ୍ କରିଥିଲେ। ଦ୍ୱିତୀୟ ସେଟ୍‌କୁ ସେ ୧୨-୧୦, ତୃତୀୟ ସେଟ୍‌କୁ ୧୧-୪, ଚତୁର୍ଥ ସେଟ୍‌କୁ ୧୧-୫ରେ ଜିତି ନେଇଥିଲେ। କିନ୍ତୁ ୫ମ ସେଟ୍‌ରେ ଜେଙ୍ଗ କମ୍‌ବ୍ୟାକ୍ କରି ୧୦-୧୨ରେ ଶ୍ରୀଜାଙ୍କୁ ହରାଇ ଦେଇଥିଲେ। ହେଲେ ପରବର୍ତ୍ତୀ ସେଟ୍‌କୁ ଶ୍ରୀଜା ସଂଘର୍ଷ କରି ୧୨-୧୦ରେ ଜିତି ମ୍ୟାଚ୍‌କୁ କବ୍‌ଜା କରିଥିଲେ।

୨୬ ବର୍ଷୀୟ ଶ୍ରୀଜା ଏବେ ଦ୍ୱିତୀୟ ଭାରତୀୟ ଭାବେ ଅଲିମ୍ପିକ୍ସର ଟେବୁଲ ଟେନିସ୍ ମହିଳା ଏକକ ବର୍ଗର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ତାଙ୍କ ପୂର୍ବରୁ ଚଳିତ ଅଲିମ୍ପିକ୍ସରେ ମନିକା ବାତ୍ରା ପ୍ରି-କ୍ୱାର୍ଟରରେ ପ୍ରବେଶ କରି ପ୍ରଥମ ଭାରତୀୟ ହେବାର ରେକର୍ଡ କରିଥିଲେ। ରାଉଣ୍ଡ ଅଫ ୧୬ରେ ଶ୍ରୀଙ୍କା ମୁକାବିଲା ବିଶ୍ୱର ଏକ ନମ୍ବର ଟିଟି ଖେଳାଳି ଚାଇନାର ସୁନ ୟିଙ୍ଗଶାଙ୍କ ସହ ହେବ। ଏହି ମ୍ୟାଚ୍ ଜିତିବାକୁ ହେଲେ ଶ୍ରୀଜାଙ୍କୁ କିଛି କମାଲ କରିବାକୁ ପଡ଼ିବ।

# ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶିକା ଡ. ସାମନ୍ତରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସୂଚନା ଓ ଲୋକସଂପର୍କ ବିଭାଗର ଉପନିର୍ଦ୍ଦେଶିକା ଡ. ଜ୍ୟୋତିର୍ମୟୀ ସାମନ୍ତରାୟ ବୁଧବାର ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗରେ ଡ. ସାମନ୍ତରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷତା କରି ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସେବାନିବୃତ୍ତ ଡ. ସାମନ୍ତରାୟଙ୍କ ସୁସ୍ଥ ଓ ନିରାମୟ ଅବସରକାଳୀନ ଜୀବନ କାମନା କରିଥିଲେ। ସେ ଡ. ସାମନ୍ତରାୟଙ୍କ କାର୍ଯ୍ୟଦକ୍ଷତା, ଆନ୍ତରିକତା ଓ କର୍ତ୍ତବ୍ୟପରାୟଣତାର ପ୍ରଶଂସା କରି ତାହା କନିଷ୍ଠ ଅଧିକାରୀମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇରହିବ ବୋଲି ଉଲ୍ଲେଖ କରିଥିଲେ। ସେ ଡ. ସାମନ୍ତରାୟଙ୍କୁ ଚୂଡ଼ାନ୍ତ ପେନସନ୍ କାଗଜାତ ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ଡ. ସାମନ୍ତରାୟ ନିଜର କର୍ମମୟ ଜୀବନର ଅଭିଜ୍ଞତା ବର୍ଣ୍ଣନା କରିବା ସହ ବିଭାଗ ପକ୍ଷରୁ ପାଇଥିବା ସ୍ନେହ, ଶ୍ରଦ୍ଧା ଓ ସହଯୋଗ ନିମନ୍ତେ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇ ଥିଲେ। ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ ଦାଶ, ଉପଶାସନ ସଚିବ ପ୍ରଣବ ପ୍ରକାଶ ଦାସ, ଉପନିର୍ଦ୍ଦେଶିକା ଦୀପ୍ତିମୟୀ ମହାପାତ୍ର, ସୂଚନା ଅଧିକାରୀ ସୌରଭ ପ୍ରଧାନ ପ୍ରମୁଖ ଡ. ସାମନ୍ତରାୟଙ୍କ ସହିତ ସେମାନଙ୍କର କର୍ମଜୀବନର ଅଭିଜ୍ଞତା ସଂପର୍କରେ ଉଲ୍ଲେଖ କରିବା ସହ ତାଙ୍କ ଅର୍ଥପୂର୍ଣ୍ଣ ଅବସରକାଳୀନ ଜୀବନଚର୍ଯ୍ୟା ନିମନ୍ତେ ଶୁଭେଚ୍ଛା ଜଣାଇଥିଲେ। ନିର୍ଦ୍ଦେଶକ ଶ୍ରୀ ସାମଲ ସେବାନିବୃତ୍ତ ଡ. ସାମନ୍ତରାୟଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ମନୁ ଭାକରଙ୍କ ଟ୍ରେନିଂ ପାଇଁ ୨ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ସରକାର : କ୍ରୀଡ଼ାମନ୍ତ୍ରୀ

**ନୂଆଦିଲ୍ଲୀ**

ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ ପାଇଁ ଐତିହାସିକ ବ୍ରୋଞ୍ଜ ଜିତିଛନ୍ତି ଯୁବ ସୁଟର ମନୁ ଭାକର। ସେ ପ୍ରଥମ ଭାରତୀୟ ମହିଳା ଭାବେ ବନ୍ଧୁକ ଚାଳନାରେ ପଦକ ହାତେଇଛନ୍ତି। ପଦକ ଜିତିବା ପରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭୀୟ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ମନୁ ଭାକରଙ୍କ ତାଲିମ ପଛରେ କେତେ ଟଙ୍କା ଖର୍ଚ୍ଚ କରାଯାଇଛି, ତା'ର ତଥ୍ୟ ଦେଇଛନ୍ତି।



କେନ୍ଦ୍ରମନ୍ତ୍ରୀ ମାଣ୍ଡଭୀୟ କହିଛନ୍ତି, ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ ପାଇଁ ପ୍ରଥମ ବ୍ରୋଞ୍ଜ ପଦକ ଜିତି ମନୁ ଭାକର ଭାରତକୁ ଗର୍ବିତ କରିଛନ୍ତି। ତାଙ୍କ ସହ କଥାବାର୍ତ୍ତା କରିବା ବେଳେ ମନୁ କହିଛନ୍ତି ଯେ ସେ ଖେଲୋ ଇଣ୍ଡିଆର ଅଂଶବିଶେଷ ଥିଲେ। ମୁଁ ଆପଣମାନଙ୍କୁ କହିବାକୁ ଚାହୁଁଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖେଲୋ ଇଣ୍ଡିଆ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ଦେଶରେ କ୍ରୀଡ଼ା ଭିତ୍ତିଭୂମି, ଅଧିକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା, ସ୍କୁଲ ଓ କଲେଜରୁ ପ୍ରତିଭାବାନ ଖେଳାଳିଙ୍କୁ ବଛା ଯାଇଥିଲା।

ପ୍ରତିଭାବାନ ଖେଳାଳିଙ୍କୁ ତାଲିମ୍ ଦେବା ପାଇଁ ଭଲ କୋଚ୍‌ଙ୍କୁ ଅଣା ଯାଇଛି। ସେମାନଙ୍କୁ ଟିଓପିଏସ୍ ସ୍କିମ ଜରିଆରେ ଉତ୍ତମ ଟ୍ରେନିଂ ଦିଆଯାଉଛି। ପ୍ରତିଭାବାନ ଖେଳାଳିମାନେ ଯେମିତି କୌଣସି ଆର୍ଥିକ ସମସ୍ୟାର ସମ୍ମୁଖୀନ ନ ହେବେ, ତା'ର ବ୍ୟବସ୍ଥା କରାଯାଇଛି।

ମାଣ୍ଡଭୀୟ ଖୁଲାସା କରିଛନ୍ତି ଯେ ମନୁଙ୍କ ତାଲିମ ପାଇଁ ପ୍ରାୟ ୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ଭଲ ଟ୍ରେନିଂ ପାଇଁ ତାଙ୍କୁ ଜର୍ମାନୀ ଓ ସ୍ୱିଜରଲ୍ୟାଣ୍ଡ ପଠାଯାଇଥିଲା। ତାଙ୍କ ପସନ୍ଦ ଅନୁସାରେ କୋଚଙ୍କୁ ଅଣାଯାଇଥିଲା। ଆମେ ସବୁ ଖେଳାଳିଙ୍କୁ ଏ ପ୍ରକାରର ସୁବିଧା ଯୋଗାଇ ଆସୁଛୁ। କାରଣ ସେମାନେ ଯେମିତି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଭଲ କରପାରିବେ, ଆମେ ତାକୁ ନିଶ୍ଚିତ କରିବାକୁ ଚାହୁଁଛୁ ବୋଲି ସେ କହିଛନ୍ତି। ଏଥିସହ ଦେଶର ଆଥ୍‌ଲେଟମାନେ ପ୍ୟାରିସ୍ ଅଲିମ୍ପିକ୍ସରେ ମଧ୍ୟ ଭଲ କରିପାରିବେ ବୋଲି କେନ୍ଦ୍ରମନ୍ତ୍ରୀ ଆଶା ରଖିଛନ୍ତି।

# ଭୁବନେଶ୍ୱରସ୍ଥ ଶିଖରଚଣ୍ଡୀ ପାହାଡ଼ର ଉନ୍ନୟନ ପ୍ରତି ଅବହେଳା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ନିକଟସ୍ଥ ପଟିଆର ଶିଖରଚଣ୍ଡୀ ପାହାଡ଼ର ଦୁରାବସ୍ଥା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଛି। ଶିଖରଚଣ୍ଡୀ ପାହାଡ଼ର ଐତିହାସିକତା ତଥା ବର୍ତ୍ତମାନର ନୈସର୍ଗିକ ଶୋଭା ଦର୍ଶକର ଦୃଷ୍ଟି ଆକର୍ଷଣ କରିଥାଏ। ବହୁ ଲୋକ-କଥାର ତାହା ଗନ୍ତାଘର କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ। ପାହାଡ଼ର ଚତୁଃପାର୍ଶ୍ୱ ଜମିସବୁ ମାଫିଆମାନେ ଦଖଲ କରି ସେଥିରେ ସୁରମ୍ୟ ହର୍ମ୍ୟମାନ କରିସାରିଛନ୍ତି। ଯେତିକି ରହିଛି ତାହା କେବଳ ସ୍ଥାନୀୟ ଲୋକମାନଙ୍କର ଚେଷ୍ଟାରୁ ହିଁ ହୋଇପାରିଛି। ସେଠାରେ ପୂଜିତ ପ୍ରାଚୀନ ବିଗ୍ରହ ପ୍ରାକ୍ ଐତିହାସିକ ଯୁଗର ବୋଲି ଐତିହାସିକ ମତ ରହିଛି। ଭୁବନେଶ୍ୱର ମଧ୍ୟରେ ଯେଉଁ କେତେକ ପୁରୁଣା ତଥ୍ୟ ସମ୍ମିଳିତ ସ୍ଥାନମାନ ରହିଛି ତାହା ମଧ୍ୟରୁ ଏହି ଶିଖରଚଣ୍ଡୀ ଅନ୍ୟତମ। ପଟିଆ ରାଜାମାନଙ୍କ ତଥା ସ୍ଥାନୀୟ ଲୋକମାନଙ୍କ ତଦାରଖ ଯୋଗୁ ଏହାର କୌଣସି କ୍ଷତି ହୋଇନଥିଲା। ୧୯୭୬ ମସିହାରେ ଏହାର ଶୋଭା ବଢ଼ାଇବା ନିମନ୍ତେ ଚାରିଦିଗରେ କାଜୁ ଗଛମାନ ଲାଗିବା ସହ ଉପରକୁ ଯିବା ନିମନ୍ତେ ପ୍ରସ୍ତରର ପାହାଚମାନ ତିଆରି କରାଯାଇଥିଲା। ଏହାର ଉନ୍ନୟନ ନିମନ୍ତେ ସେତେବେଳର ସ୍ଥାନୀୟ ବିଧାୟକ ତଥା ତତ୍କାଳୀନ ବାଚସ୍ପତି ସ୍ୱର୍ଗତ ସତ୍ୟପ୍ରିୟ ମହାନ୍ତି କିଛିଟା ଉଦ୍ୟମ କରିଥିଲେ। ସେତେବେଳେ ଇଂରେଜମାନଙ୍କ ବିରୁଦ୍ଧରେ ଲଢୁଥିବା ବହୁ ସ୍ୱାଧୀନତା ସଂଗ୍ରାମୀମାନେ ଏଠାରେ ଲୁଚି ରକ୍ଷା ପାଇ ଯାଉଥିଲେ। ଲୋକକଥା ଅନୁସାରେ ଖୁରୁଧାର ପ୍ରଥମ ସହିଦ୍ ଜୟୀରାଜଗୁରୁ ମଧ୍ୟ ଏଠାରେ କିଛିଦିନ ଅବସ୍ଥାନ କରିଥିଲେ। ଚୁଡ଼ଙ୍ଗ ଜଙ୍ଗଲ ଓ ଏହି ଅଞ୍ଚଳରେ ସେମାନେ ଲୁଚି ରହୁଥିବାରୁ ଇଂରେଜ ସୈନ୍ୟ ବା ତାଙ୍କ ଭେଦୁଆମାନେ ସହଜରେ ସେମାନଙ୍କୁ ଠାବ କରିପାରୁ ନ ଥିଲେ। ସ୍ଥାନହ ଉନ୍ନୟନ ଆଳରେ ତାହାର ନୈସର୍ଗିକ ଶୋଭାସହ ଐତିହାସିକତାକୁ ନଷ୍ଟ କରିବା ଉଚିତ ନୁହେଁ। ସ୍ମାର୍ଟ ସିଟି ନାମରେ ଏକ ସରକାରୀ ସଂସ୍ଥା ଏହିସବୁ କାର୍ଯ୍ୟ ସହ ସମ୍ପୃକ୍ତ ସ୍ଥାନର ଉନ୍ନୟନ କାର୍ଯ୍ୟ ନିମନ୍ତେ ପ୍ରତ୍ନତତ୍ତ୍ୱ ବିଭାଗର ଅନୁମତି ନିଆଯାଇନାହିଁ। ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବାର ଏହା କେନ୍ଦ୍ର ବିନ୍ଦୁ ହୋଇ ରହିଆସିଛି। ଖଣ୍ଡଗିରି ପାହାଡ଼ ତଳେ ସୃଷ୍ଟି ହୋଇଥିବା ଜୟଦେବ ବାଟିକା ଭଳି ଏହା ଏକ ସୁନ୍ଦର ପର୍ଯ୍ୟଟନ ସ୍ଥଳୀ ହେବାର ପ୍ରସ୍ତାବ ଥିଲା ବୋଲି ବରିଷ୍ଠ ଐତିହାସିକ ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ କହିଛନ୍ତି।

# ରାଜ୍ୟର ବିଭିନ୍ନ ସହରରେ ବେଆଇନ ଆପାର୍ଟମେଣ୍ଟ
## କେବଳ ରାଜଧାନୀରେ ୬୮୯ ବେଆଇନ ଆପାର୍ଟମେଣ୍ଟ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟର ବିଭିନ୍ନ ସହରରେ ବେଆଇନ ଭାବେ ଗଢ଼ିଉଠିଛି ଶତାଧିକ ଆପାର୍ଟମେଣ୍ଟ। କେବଳ ରାଜଧାନୀରେ ବେଆଇନ ଭାବେ ତିଆରି ହୋଇଥିବା ଆପାର୍ଟମେଣ୍ଟ ଓ କୋଠାବାଡ଼ି ବିରୋଧରେ ୬୮୯ଟି ମାମଲା ରୁଜୁ ହୋଇଛି। ରାଜ୍ୟର ଅଧିକାଂଶ ସହରାଞ୍ଚଳରେ ଏଭଳି ସମସ୍ୟା ବଢ଼ି ଚାଲିଛି। ମୁଖ୍ୟତଃ ଆପାର୍ଟମେଣ୍ଟ ତିଆରି ସମୟରେ ବିଲ୍ଡରମାନେ ସରକାରୀ ନୀତିନିୟମ ପ୍ରତି ଆଖି ବୁଜି ଦେଉଛନ୍ତି। ଏହାଦ୍ୱାରା ବର୍ଷବର୍ଷ ଧରି କଷ୍ଟ ଉପାର୍ଜିତ ଜମାପୁଞ୍ଜିରେ ଘର ଖଣ୍ଡିଏ କିଣିବା ପରେ ଲୋକେ ବିଭିନ୍ନ ସମସ୍ୟା ଭୋଗୁଛନ୍ତି। ସରକାରଙ୍କ ବିଭିନ୍ନ ଯାଞ୍ଚକାରୀ ସଂସ୍ଥା ଥିଲେ ମଧ୍ୟ ନିୟମିତ ଭାବେ କୌଣସି ଯାଞ୍ଚ କରାଯାଉ ନ ଥିବାରୁ ସହରରେ ଛତୁ ଫୁଟିଲା ଭଳି ବେଆଇନ ଘର ଗଢ଼ିଉଠୁଛି। ମୁଖ୍ୟତଃ ଘର କରିବା ପୂର୍ବରୁ ଲୋକେ ଯେଉଁ ପ୍ଲାନ୍ ନେଉଛନ୍ତି, ଏହାର ଅନୁମୋଦନ ପରେ ଯୋଜନାରେ ପରିବର୍ତ୍ତନ କରିଦେଉଛନ୍ତି। ହେଲେ ସରକାରୀ ସଂସ୍ଥାଗୁଡ଼ିକ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଉଦାସୀନତା ନୀତି ଆପଣାଉଛନ୍ତି। ସେହିପରି ସରକାର ସର୍ବକ୍ଷମା ଯୋଜନା ଆଣି ରାଜ୍ୟର ବେଆଇନ ଘରଗୁଡ଼ିକୁ ଆଇନସମ୍ମତ କରିବାକୁ ଯୋଜନା କରିଥିଲେ। ଏଥିରେ ଅନେକ ବେଆଇନ ଘର ଆଇନସମ୍ମତ ହୋଇଥିବା ବେଳେ ଆହୁରି ଶତାଧିକ ଘର ବେଆଇନ ଭାବେ ରହିଛି। ଏହାର ତଥ୍ୟ ବିଧାନସଭାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରଦାନ କରିଛନ୍ତି। ବିଧାନସଭାରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ବେଆଇନ ଭାବେ ରାଜ୍ୟରେ କେତେସଂଖ୍ୟକ ବେଆଇନ ଆପାର୍ଟମେଣ୍ଟ ତିଆରି ହୋଇଛି, ତା'ର ଆକଳନ ହୋଇନି। ତେବେ ରାଜ୍ୟର ବିଭିନ୍ନ ସହରରେ ବେଆଇନ ଭାବେ ଗଢ଼ି ଉଠିଥିବା କୋଠାବାଡ଼ି ବିରୋଧରେ ୭୧୯ଟି ମାମଲା ରୁଜୁ ହୋଇଛି। ସେ ଭିତରୁ କେବଳ ଭୁବନେଶ୍ୱରରେ ୬୮୯ଟି ମାମଲା ରହିଛି ଓ ଏହି ବେଆଇନ କୋଠାବାଡ଼ି ବିରୋଧରେ ମାମଲା ବିଚାରଧୀନ ରହିଛି।

# ନବଦମ୍ପତିଙ୍କୁ ବିଭତ୍ସ ହତ୍ୟା : ଘରୁ ମିଳିଲା ମୃତଦେହ

**କୋରାପୁଟ, ନ୍ୟୁଜ୍‌ବ୍ୟୁରୋ**

ବର୍ଷେ ତଳେ ଘରୁ ପଳାଇ ଯାଇ ମନ୍ଦିରରେ ପ୍ରେମ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ଘରକୁ ଫେରିଥିଲେ। ଦୁଇ ପରିବାର ଭିତରେ ଥିବା ସବୁ ରାଗ ଓ ରୋଷର ପରିସମାପ୍ତି ଘଟିଥିଲା। ସବୁକିଛି ଠିକ୍‌ଠାକ୍ ଚାଲିଥିବା ବେଳେ ଏବେ ଘରୁ ମିଳିଛି ନବ ଦମ୍ପତିଙ୍କ ମୃତଦେହ। ପତ୍ନୀଙ୍କ ମୃତଦେହ ଖଟରେ ପଡ଼ିଥିବା ବେଳେ ପଛ ପାର୍ଶ୍ୱରୁ ହାତ ବନ୍ଧା ହୋଇଥିବା ସ୍ୱାମୀଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଛି। ତେଣୁ ହତ୍ୟା ଅଭିଯୋଗ ଆଣିଛନ୍ତି ପରିବାର ଲୋକ। କୋରାପୁଟ ସଦର ଥାନା ପୁଲିସ୍ ଘଟଣାର ତଦନ୍ତ ଚଳାଇଛି।



ଦଶମନ୍ତପୁର ବ୍ଲକ ପୋଡ଼ାଗଡ଼ ପଞ୍ଚାୟତ ଅଧିନସ୍ଥ ମାଲିଙ୍ଗଯୋଡ଼ି ଗାଁର ନରେଶ ନାୟକ ଦୀର୍ଘ ଦିନ ଧରି ଭବାନୀଙ୍କୁ ପ୍ରେମ କରୁଥିଲେ। ଉଭୟେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ପ୍ରେମରେ ପ୍ରତିବନ୍ଧକ ସାଜିଥିଲେ ଉଭୟଙ୍କ ପରିବାର। ତେଣୁ ଘର ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ ନରେଶ ଓ ଭବାନୀ। ଉଭୟ ଏକ ମନ୍ଦିରରେ ବିବାହ କରିଥିଲେ। ବିବାହ ପରେ ଉଭୟଙ୍କୁ ପରିବାର ଲୋକେ ଗ୍ରହଣ କରିନଥିଲେ। ତେଣୁ କିଛି ଦିନ ଭଡ଼ା ଘରେ ରହୁଥିଲେ। ପରବର୍ତ୍ତୀ ସମୟରେ ସବୁ ରାଗ ଓ ରୋଷ ଭୁଲି ଯାଇ ନରେଶ ଓ ଭବାନୀଙ୍କୁ ଗ୍ରହଣ କରିଥିଲେ ପରିବାର ଲୋକ।

ସବୁ ବିବାଦର ଅବସାନ ଘଟିବା ପରେ ଭବାନୀଙ୍କ ବାପ ଘର ଲୋକେ ଯିବାଆସିବା କରୁଥିଲେ। ଏପରିକି ବାହାଘର ସମୟରେ ଦିଆଯାଉଥିବା ଆସବାବପତ୍ର ପ୍ରଦାନ କରିଥିଲେ। ଶାଶୂ ଘରେ ବୋହୂର ସବୁ କର୍ତ୍ତବ୍ୟ ସମ୍ପାଦନ କରୁଥିଲେ ଭବାନୀ। ସବୁଦିନ ପରି ମଙ୍ଗଳବାର ରାତିରେ ଖାଇପିଇ ନିଜ ଘରେ ଶୋଇଥିଲେ ନରେଶ ଓ ଭବାନୀ। ହେଲେ ସକାଳେ ଘରର କବାଟ ଖୋଲିନଥିଲା। ତେଣୁ ପରିବାର ଓ ସେହି ପଡ଼ିଶାଙ୍କ ମନରେ ନାନା ସନ୍ଦେହ ସୃଷ୍ଟି ହୋଇଥିଲା। ତେଣୁ କବାଟ ଭାଙ୍ଗି ଘର ଭିତରେ ପଶିଥିଲେ। ସେତେବେଳେ ଖଟ ଉପରେ ପଡ଼ିଥିଲା ଭବାନୀଙ୍କ ମୃତଦେହ। ଆଉ ନରେଶଙ୍କ ମୃତଦେହ ଝୁଲୁଥିଲା। ତାଙ୍କ ହାତ ପଛ ପାର୍ଶ୍ୱରୁ ବନ୍ଧା ଯାଇଥିବା ଦେଖିବାକୁ ମିଳିଥିଲା। ତେଣୁ ଏହା ଆତ୍ମହତ୍ୟା ନୁହେଁ, ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ମତପ୍ରକାଶ ପାଉଛି। ନରେଶଙ୍କ ବାପା ରାଜେନ୍ଦ୍ର ଏନେଇ କୋରାପୁଟ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନା ଅଧିକାରୀ ରୁନୁ ମାଝୀ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ହେଲେ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଥିବା ଜଣାପଡ଼ିଛି।

**DIRECTORATE OF GROUND WATER DEVELOPMENT : ODISHA**
Office of The Deputy Director, GWD Division-II ,Bhubaneswar
A/2, Unit-V, Bhubaneswar
[e-mail:srgeologistrsbbsr@gmail.com]
A-195
**INVITATION FOR BIDS (IFB)**
e- Procurement Notice : 538 Date: 31.07.2024
Bid Identification No. 03/GWRSD/ARUA/2024-25,
(Single-Envelope Bidding Process)

Deputy Director, Geology, GWD Division-II ,Plot-A/2, Unit-V, Bhubaneswar on behalf of Governor of Odisha invites bids from bidders Class **"D"&"C"**(As per latest OPWD codal provisions) registered with the State Governments and bidders of equivalent Grade/Class registered with Central Government/ MES /Railways for the construction of works following Work.

Bids must be submitted online on or before **16/08/2024 at 11.00 Hrs** 1ST (system server time). Proposals will be opened online on **16/08/2024 ; at 12.00hours**. In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at the appointed time.

Details of the Tender will be available in the procurement portal 'www.tendersodisha.gov.in".

| Sl.No. | Description | Details |
|---|---|---|
| 1. | Name Of the Work | Construction of 07 nos recharge shafts in Tanks/Ponds in Kakatpur Block of Puri district. |
| 2. | Start Date of availability of Bid document online (bid download) | **05/08/2024 from 11.00 Hrs** |
| 3. | Last Date of availability of bid document online (bid download) | **16/08/2024 up to 11.00 Hrs** |
| 4. | Last date and time for receipt of bid document (Bid Submission End date & Time) | **16/08/2024 up to 11.00 Hrs** |
| 5. | Date & Time of opening of bid document (bid Opening date) | **16/08/2024 at 12.00 Hrs** |

Sd/- Deputy Director, Geology
GWD Division-II, Bhubaneswar
OIPR-32469/11/0001/2425

